ଅବିଶ୍ରାନ୍ତ ୫ ବର୍ଷ

# ରାଜଭୂମି



the rajbhumi

ବର୍ଷ - ୦୫ | ସଂଖ୍ୟା - ୦୧ | କେନ୍ଦ୍ରାପଡ଼ା | ସାପ୍ତାହିକ (ଜୁଲାଇ ୧୨-୧୮) | ମୂଲ୍ୟ. ୫.୦୦ | ପୃଷ୍ଠା - ୮

## ସୁସ୍ଥ ହେଲେ ମହାପ୍ରଭୁ



ପୁରୀ : ସୁସ୍ଥ ହୋଇଛନ୍ତି ଶ୍ରୀଜୀଉ। ଦଇତାପତି ସେବକ ରାଜନଅରକୁ ଯାଇ ଗଜପତି ମହାରାଜଙ୍କୁ ମହାପ୍ରଭୁଙ୍କ ସୁସ୍ଥ ହେବାର ଖବର ଜଣାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ଗଜପତିଙ୍କୁ ପ୍ରଦାନ କରିଛନ୍ତି। ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହୋଇଛି। ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳ ସ୍ନାନ ପରଠୁ ଜ୍ୱରରେ ପଡ଼ିଥିବା ମହାପ୍ରଭୁ ଅଣସର ପିଣ୍ଡିରେ ଅଟକି ରହିଥିଲେ। ଦଇତା ଓ ପତି ମହାପାତ୍ର ଗୁପ୍ତ ସେବା ଯୋଗାଇ ଦେଇଥିଲେ। ଫୁଲୁରି ତେଲ, ଦଶମୂଳ ମୋଦକ ଏବଂ ଶୁଦ୍ଧ ସୁଆରଙ୍କ ଓଷ ପରେ ଶ୍ରୀବିଗ୍ରହମାନେ ସୁସ୍ଥ ହୋଇଛନ୍ତି। ସକାଳ ଧୂପ ପରେ ଭୋଗ ମଣ୍ଡପ ନୀତି ସମ୍ପନ୍ନ ହୋଇ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ତା' ପରେ ବେହେରଣ ଦ୍ୱାର ଖୋଲିଥିଲା। ଦଇତାପତି ସେବକ ଅଣସର ଘରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ଆଚ୍ଛାଦିତ ରୁପା ଥାଳି ଅଣସର ଘରକୁ ନେଇଥିଲେ। ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ଆଦି ସେଥିରେ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା କପଡ଼ା ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତା ଓ ପତିମହାପାତ୍ର ସେବକ ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପଟୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ପହଞ୍ଚିବା ପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିଙ୍କୁ ଶାଢ଼ି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢ଼ି ବନ୍ଧାଇବା ପରେ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଇଥିଲେ। ଏଥିସହ ତ୍ରୟୋଦଶୀ ଅବସରରେ ଶ୍ରୀବିଗ୍ରହଙ୍କୁ ଘଣା ଲାଗି କରାଯାଇଛି। ପହୁଡ଼ ଆଳତି ପରେ ଦଇତାପତି ଘଟାକଟାକୁ ପ୍ରବେଶ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଘଣା ଲାଗି ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥାନ୍ତି। ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳି ହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳୀ ବାଜିବା ପରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଚତୁର୍ଦ୍ଦଶୀରେ ଚକା ଅପସାରଣ ଏବଂ ୧୪ ତାରିଖରେ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ।

## ପାଠ୍ୟ ପୁସ୍ତକରେ ତ୍ରୁଟି,

### କ୍ରାଇମ୍‌ବ୍ରାଞ୍ଚରେ ମାମଲା

ଭୁବନେଶ୍ୱର : ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ। କ୍ରାଇମବ୍ରାଞ୍ଚ ହାତକୁ ଗଲା ତଦନ୍ତ ଭାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚରେ ଏଫ୍‌ଆଇଆର୍ ଦାୟର କଲେ SCERT ନିର୍ଦ୍ଦେଶିକା। ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ ପାଇଁ ଗଠନ ହେଲା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (SIT)। ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ବିବାଦକୁ ନେଇ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ଏବଂ ସଚିବଙ୍କ ଚାମ୍ବରରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗଣଶିକ୍ଷା ସଚିବ, SCERT ନିର୍ଦ୍ଦେଶିକା ଏବଂ ଓସେପା (OSEPA) ନିର୍ଦ୍ଦେଶିକା ଉପସ୍ଥିତ ଥିଲେ। ପାଠ୍ୟପୁସ୍ତକରେ ହୋଇଥିବା ଚଞ୍ଚକତାକୁ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି। ସୂଚନା ଥାଉକି ପାଠ୍ୟ ପୁସ୍ତକରେ ତ୍ରୁଟି ଯୋଗୁ ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

## ସେବେ ଥିଲେ ଚୋର, ଏବେ ସାଧୁ


### ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ



ଭୁବନେଶ୍ୱର : ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ସେ ତାଙ୍କର ଅନୁଗତମାନଙ୍କ ସହ ବଡ଼ ପଟୁଆରରେ ଆସି ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ମିଶିଛନ୍ତି। ସୂଚନା ଥାଉକି ପ୍ରଭାତ ବହୁଦିନ ଧରି ବିଜୁ ଜନତା ଦଳରେ ରହି ବିଧାୟକ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଥିଲେ। ଚିଟ୍ ଫଣ୍ଡ ଦୁର୍ନୀତିରେ ଛନ୍ଦି ହେବା ପରେ ଟିକେଟ୍‌ରୁ ବଞ୍ଚିତ ହେବା ସହ ତାଙ୍କ ପୁତ୍ର ସୌଭିକ୍ ବିଶ୍ୱାଳଙ୍କୁ ବିଜେଡ଼ି ଦୁଇ ଦୁଇଥର ଟିକେଟ୍ ଦେବା ସହ ବିଧାୟକ କରିଥିଲା। ଚଳିତ ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ନାମ ଘୋଷଣା ପରେ ସେ ଅସନ୍ତୁଷ୍ଟ ଥିବା ଓ ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ବିଧାୟକ ହୋଇ ମଧ୍ୟ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ତାଙ୍କ ପୁଅ ମତଦାନ କରିବା ପରେ ତାଙ୍କ ପୁଅ ତଥା ଚୌଦ୍ୱାର - କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ବିଜେଡ଼ି ନିଲମ୍ବିତ କରିଥିଲା। ଏବେ ଦେଖିବାକୁ ବାକି ରହିଲା ପ୍ରଭାତଙ୍କ ରାଜନୈତିକ ଭବିଷ୍ୟତ ଭାରତୀୟ ଜନତା ପାର୍ଟିରେ କିପରି ରହୁଛି।

## ଆନ୍ଧ୍ରରେ କୋଭିଡ଼୍, ଓଡ଼ିଶାରେ ଭୟ

ଭୁବନେଶ୍ୱର : ଆନ୍ଧ୍ର ପ୍ରଦେଶରେ କୋଭିଡରେ ଦୁଇ ଜଣଙ୍କ ମୃତ୍ୟୁ ଖବର ପରେ ସୀମାନ୍ତ ଓଡ଼ିଶାରେ ବି ହାଇ ଆଲର୍ଟ। ଆନ୍ଧ୍ର ସୀମାରେ ଥିବା ଓଡ଼ିଶାର ସମସ୍ତ ଜିଲ୍ଲାର ସିଡ଼ିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ସନ୍ଦିଗ୍ଧଙ୍କୁ ଟେଷ୍ଟ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାରେ ସବୁ ସମୟରେ କୋଭିଡ ସତର୍କତା ଅଛି। ସବୁବେଳେ ଟେଷ୍ଟ ହେଉଛି।



ରଥଯାତ୍ରା ଆସୁଥିବାରୁ ଲକ୍ଷଣ ଦେଖାଗଲେ କୋଭିଡ ନିୟମ ଅନୁସାରେ ଚିକିତ୍ସା ହେବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଆନ୍ଧ୍ର ସୀମାନ୍ତ ଜିଲ୍ଲାର ସିଡ଼ିଏମ୍‌ଓମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା କୋଭିଡ୍ ଲକ୍ଷଣ ଦେଖାଦେଲେ ସନ୍ଦିଗ୍ଧଙ୍କର ଟେଷ୍ଟ କରାନ୍ତୁ ଓ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ କୋଭିଡ୍ ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର।

## କ୍ଷମା ମାଗିଲା ଓଡ଼ିଶା ଇସ୍କନ

ଭୁବନେଶ୍ୱର : ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜାଙ୍କ ଚିଠିକୁ ପ୍ରତ୍ୟାଖାନ ଘଟଣାକୁ ନେଇ କ୍ଷମା ପ୍ରାର୍ଥନା କରିଛି ଓଡ଼ିଶା ଇସ୍କନ। କହିଛି, ଯଦି ତାଙ୍କ ଭାବନା ପ୍ରତି କୁଠାରଘାତ ହୋଇଛି, ତାହେଲେ ଓଡ଼ିଶା ଇସ୍କନ ପକ୍ଷରୁ କ୍ଷମା ମାଗୁଛୁ । ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଇସ୍କନ ଓଡ଼ିଶା ଶାଖା କହିଛି, ଗତ ୬୦ ବର୍ଷ ଧରି ଏଭଳି ରଥଯାତ୍ରା ହୋଇଆସୁଛି। ୨୦୧୯ ମସିହାରେ ଗଜପତି ମହାରାଜ ଏ ସମ୍ପର୍କରେ ଉଲ୍ଲେଖ ବି କରିଥିଲେ। ଅନେକ ପ୍ରୟାସ ଓ ଆଲୋଚନା ପରେ ଭାରତରେ ଗୋଟିଏ ଦିନରେ ହିଁ ରଥଯାତ୍ରା ହେଉଛି। ଓଡ଼ିଶା ଇସ୍କନ ଭକ୍ତଙ୍କ ଚେଷ୍ଟା ପରେ ଗୋଟିଏ ଦିନରେ ସ୍ନାନଯାତ୍ରା ବି ହେଉଛି। କିନ୍ତୁ ବିଦେଶରେ ଭିନ୍ନ ଭିନ୍ନ ଦିନରେ ରଥଯାତ୍ରା ହେବା ଆମର କୌଣସି କର୍ତ୍ତୃତ୍ୱ ନାହିଁ। ତଥାପି ଅନେକ ଚେଷ୍ଟା ପରେ UAEରେ ସହମତି ଆସିଛି। ଆସନ୍ତା ୧୬ ତାରିଖରେ ହିଁ ରଥଯାତ୍ରା କରିବେ।

## ମଉଜ ପାଇଁ ୨୭ ମୃତ

ବ୍ୟାଂକକ୍ : ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ଏକ ପବ୍‌ରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ନିଆଁ ଲାଗି ୨୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୮ ଜଣ ମହିଳା ଥିବା ସୂଚନା ମିଳିଛି। ଏହାଛଡ଼ା ୬୦ରୁ ଅଧିକ ଲୋକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ବ୍ୟାଙ୍କକ୍‌ର ଚାଟୁଚାକ୍ ଅଞ୍ଚଳରେ ଥିବା ଏହି ପବ୍‌ରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। କିଛି ମିନିଟ୍ ମଧ୍ୟରେ ନିଆଁ ଓ ଘନ ଧୂଆଁ ସମଗ୍ର ପବ୍‌ରେ ବ୍ୟାପିଯିବାରୁ ଭିତରେ ଥିବା ଲୋକମାନେ ଆତଙ୍କିତ ହୋଇ ବାହାରକୁ ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଧୂଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଅନେକ ଲୋକ ବାହାରି ପାରିନଥିଲେ। ଏପରିକି ଜୀବନ ବଞ୍ଚାଇବାକୁ କିଛି ଲୋକ ବାଥରୁମ୍ ଭିତରେ ଲୁଚିଯାଇଥିଲେ। ହେଲେ ନିଆଁ ସେମାନଙ୍କୁ ବି କବଳିତ କରି ଦେଇଥିଲା। ଉଦ୍ଧାରକାରୀ ଦଳ ଶୌଚାଳୟ ନିକଟରୁ ମଧ୍ୟ ଅନେକ ମୃତଦେହ ଉଦ୍ଧାର କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ପ୍ରଥମେ ବିଦ୍ୟୁତ୍ ବିଚ୍ଛିନ୍ନ ହେବା ପରେ ଏକ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଏହାପରେ ନିଆଁ ଓ ଧୂଆଁ ଦ୍ରୁତ ଗତିରେ ବ୍ୟାପିଯାଇଥିଲା। ଅଗ୍ନିଶମ ବାହିନୀ ପ୍ରାୟ ଅଧଘଣ୍ଟାର ଉଦ୍ୟମ ପରେ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ, କିନ୍ତୁ ସେତେବେଳକୁ ବ୍ୟାପକ କ୍ଷୟକ୍ଷତି ଘଟିସାରିଥିଲା। ଘଟଣା ପରେ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଆନୁଟିନ୍ ଚାର୍ଣ୍ଣଭୀରାକୁଲ ଘଟଣାସ୍ଥଳ ପରିଦର୍ଶନ କରି ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ତଦନ୍ତ ସତ୍ତ୍ୱେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିଦ୍ୟୁତ୍ ତ୍ରୁଟି, ବିସ୍ଫୋରଣ ବା ଅନ୍ୟ କୌଣସି କାରଣ ଏହି ଘଟଣା ପଛରେ ରହିଛି କି ନାହିଁ, ସେନେଇ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ପବ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଜରୁରୀକାଳୀନ ଏକ୍ଜିଟ୍ ୱେ ଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉଛି।

## ଆଗକୁ ପ୍ରବଳ ବର୍ଷା



ଏଥର ରଥଯାତ୍ରାରେ ବର୍ଷା ହୋଇପାରେ। ରାଜ୍ୟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲାଗିରହିବ ବର୍ଷା। ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେଥିମଧ୍ୟରୁ ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡା, କନ୍ଧମାଳ, କଳାହାଣ୍ଡି ଓ ରାୟଗଡାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ନୟାଗଡ, ଗଞ୍ଜାମ ଓ ଗଜପତିରେ ବିଜୁଳି ଘଡଘଡି ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ।

ଛୋଟ ହେଉ କି ବଡ଼
ନୂଆ ହେଉ କି ପୁରୁଣା
ଆମ ପାଇଁ
ଆପଣଙ୍କ ଅନୁଷ୍ଠାନ ହିଁ ବଡ଼

ନିରପେକ୍ଷ ତଥା ସର୍ବାଧିକ ପ୍ରସାରିତ ସମ୍ବାଦପତ୍ର
ରାଜଭୂମି

କମ୍ ଦର୍‌ରେ
'ରାଜଭୂମି'କୁ
ବିଜ୍ଞାପନ
ପ୍ରଦାନ କରନ୍ତୁ।

+ 91 9437 888 444

## ସମ୍ପାଦକୀୟ



ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟି ଓଡ଼ିଶାର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ଏଯାଏ ଏହାର କିଛି ନିର୍ଯ୍ୟାସ ବାହାରି ପାରିଲା ନାହିଁ। କ୍ରାଇମ୍‌ବ୍ରାଞ୍ଚର ତଦନ୍ତକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର କଣ ସୁଫଳ ହେବ ବୁଝା ପଡୁନାହିଁ। ପିଲାଙ୍କ ପାଖରେ ଭୁଲ୍ ବହି ଅଛି, ପିଲାଏ ଭୁଲ୍ ବହି ପଢୁଛନ୍ତି। ସରକାର ଏହି କଥା କାହିଁ ଚିନ୍ତା କରୁନାହାଁନ୍ତି। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହେଲେ ଦୋଷୀ ଧରାପଡ଼ିପାରେ, ଧରା ନପଡ଼ିବି ପାରେ। କିନ୍ତୁ ଛାତ୍ରଛାତ୍ରୀମାନେ ଭୁଲ୍ ପଢ଼ି ନିଜ ଭବିଷ୍ୟତକୁ ନେଇ ଅନ୍ଧାରରେ ରହିବେ ଏହା ନିଃସନ୍ଦେହ। ସରକାର ସିରିୟସ୍ ହେବା ଦରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ। ଭୁଲ୍ ବହି ସକାଶେ ନୂତନ ବହି ତ୍ରୁଟିଶୂନ୍ୟ ପ୍ରସ୍ତୁତ କରି ପୁନଃ ଛାତ୍ରଛାତ୍ରଙ୍କ ପାଖରେ ପହଞ୍ଚାଇବାର ପଦକ୍ଷେପ ନେଇଥିଲେ, ସିଏଯେ ଅସଲ ବାଃ ବାଃ ପାତ୍ର ହୋଇ ପାରିଥାନ୍ତେ। ତାହା ନକରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହାସ୍ୟାସ୍ପଦ ପରି ମନେହୁଏ।

- ପବିତ୍ର ବ୍ରହ୍ମପୁତ୍ର ନାୟକ
(ସଂପାଦକ)

# ସମ୍ପର୍କ ଓ ସମ୍ମାନ

କେବଳ କାହା ସହିତ କେହି ଯୋଡି ହୋଇଗଲେ ସମ୍ପର୍କ ହୋଇଯାଏ ନାହିଁ ବରଂ ପରସ୍ପର ଭିତରେ ବୁଝାମଣା ରହିଲେ ସମ୍ପର୍କର ଡୋର ମଜଭୁତ ହୋଇଛି ବୋଲି କୁହାଯିବା ଉଚିତ୍। ସମ୍ପର୍କ କହିଲେ କେବଳ ରକ୍ତ ସମ୍ପର୍କ ଅଥବା ଯୋଡା ଯାଇଥିବା ସମ୍ପର୍କ ଯେମିତିକି ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ କିମ୍ବା ବନ୍ଧୁତାର ସମ୍ପର୍କ ଇତ୍ୟାଦିକୁ ବୁଝାଯାଏ ନାହିଁ ଅପିତୁ ସମ୍ପର୍କ ଅନେକ ପ୍ରକାରେ ହୋଇଥାଏ। ଅଧିନସ୍ଥ କର୍ମଚାରୀ ସହିତ ଉପରିସ୍ଥ ଅଧିକାରୀଙ୍କର, ସାହି ପଡୋଶୀଙ୍କର, ଗୁରୁଙ୍କ ସହିତ ଶିଷ୍ୟଙ୍କର ଏପରିକି ସେବକ ସେବିକା ସହିତ ସେବା ପାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ମଧ୍ୟ ଏକ ସୂକ୍ଷ୍ମ ସମ୍ପର୍କର ଡୋରି ବନ୍ଧା ହୋଇ ରହିଥାଏ। ଭକ୍ତଙ୍କ ସହିତ ଭଗବାନଙ୍କର ମଧ୍ୟ ଏକ ଅପୂର୍ବ ସମ୍ପର୍କ ରହିଥାଏ। ସେ ଯାହାବି ହେଉ ନା କାହିଁକି ସମ୍ପର୍କ ଗୋଟିଏ ହୃଦୟ ସହିତ ଆଉ ଗୋଟିଏ ହୃଦୟର ନିବିଡତାକୁ ହିଁ ବୁଝାଇଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ସମ୍ପର୍କ ବଞ୍ଚି ରହିବାକୁ ହେଲେ ସେଥିରେ ସ୍ୱାଧୀନତା ରହିବା ନିହାତି ଆବଶ୍ୟକ। ମଣିଷ ସବୁକିଛି କରିପାରେ ହେଲେ ପରାଧୀନ ହୋଇ ବଞ୍ଚିବା ତା’ ପାଇଁ ନିହାତି ଅସମ୍ଭବ। ପ୍ରତ୍ୟେକ ସମ୍ପର୍କ ତ୍ୟାଗ ଆଉ ସମର୍ପଣ ଶିଖାଇ ଥାଏ। କିନ୍ତୁ ନିଜ ମନକୁ ମାରି ଅନ୍ୟ ଜଣଙ୍କ ଇଛା ଅନୁସାରେ ବଞ୍ଚିବାଟା ନିହାତି ଅସମ୍ଭବ। ପ୍ରତ୍ୟେକ ମନୁଷ୍ୟ ନିଜ ମନ ଚାହିଁଲା ପରି କିଛି କାମ କରିବାକୁ ନିଶ୍ଚୟ ପସନ୍ଦ କରନ୍ତି। କିଛିକ୍ଷଣ ନିଜ ଇଚ୍ଛା ମୁତାବକ ବଞ୍ଚିବାକୁ ଚାହାଁନ୍ତି। ଏପରିକି ଛୋଟ ଛୋଟ ପିଲାମାନେ ମଧ୍ୟ ଯେତେବେଳେ ପ୍ରାପ୍ତବୟସ୍କ ହୋଇ ଯାଆନ୍ତି ସେମାନେ ନିଜ ନିଜର ଜୀବନରେ ସ୍ୱାଧୀନତା ଚାହାଁନ୍ତି। ଅବଶ୍ୟ ନିଜର ପ୍ରତ୍ୟେକ କଥା ସେମାନେ ପିତାମାତାଙ୍କୁ କୁହନ୍ତି କିନ୍ତୁ ସେମାନେ ନିଜ ସାଙ୍ଗମାନଙ୍କ ସହିତ କିମ୍ବା ସହପାଠୀମାନଂକ ସହିତ କିଛି ସ୍ୱାଧୀନ ସମୟ ବିତେଇବାକୁ ପସନ୍ଦ କରନ୍ତି। ପତିପତ୍ନୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହେଲେ ମଧ୍ୟ ସେମାନଙ୍କ ଭିତରେ ସ୍‌?ାଧୀନତା ରହିବା ନିହାତି ଆବଶ୍ୟକ। ସେମାନେ ପରସ୍ପରର ମତାମତ ନିଶ୍ଚୟ ଲାଡ଼ନ୍ତି ହେଲେ ଜଣେ ଯଦି ନିଜ ଇଚ୍ଛାରେ ଅନ୍ୟକୁ ପରିଚାଳିତ କରିବାକୁ ଚେଷ୍ଟା କରେ ସେତେବେଳେ ସମ୍ପର୍କରେ ଫାଟ ଆସିବା ସ୍ୱାଭାବିକ ହୋଇଥାଏ। ନୂଆବୋହୂଟିଏ ଯେତେବେଳେ ନୂଆ ସମ୍ପର୍କରେ ବାନ୍ଧି ହୋଇଥାଏ ସେ ସେତେବେଳେ ନୂଆ ରୀତିନୀତି ସବୁ ଆପଣେଇ ନେଇଥାଏ ଆଉ ନିଜେ ନିଜ ହିସାବରେ ସେସବୁକୁ ପାଳନ କରିବାକୁ ଆରମ୍ଭ କରେ। କିନ୍ତୁ ଯଦି ତାକୁ ଜବରଦସ୍ତ କିଛି କରିବାକୁ କୁହାଯାଏ ଆଉ ତା’ ଇଚ୍ଛା ବିରୁଦ୍ଧରେ ‘‘ଏମିତି କରନି’’, ‘‘ସେମିତି କରନି’’ ବୋଲି କୁହାଯାଏ ସେତେବେଳେ ତାକୁ ଅଣନିଃଶ୍ୱାସୀ ଲାଗେ ଆଉ ତା’ କୋମଳ ମନ ବିଦ୍ରୋହ କରିଉଠେ। ଆଜିକାଲି ସ୍କୁଲ କଲେଜରେ ମଧ୍ୟ ପିଲେ ସ୍ୱାଧୀନତା ଚାହାଁନ୍ତି। ଅବଶ୍ୟ ଏଇକଥା ସମ୍ପୂର୍ଣ୍ଣ ରୂପେ ଗ୍ରହଣୀୟ ଯେ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତାକୁ ଜମାରୁ ପ୍ରଶ୍ରୟ ଦିଆଯିବା ଉଚିତ୍ ନୁହେଁ। କିନ୍ତୁ ବନ୍ଧନରେ ବାନ୍ଧି ସମ୍ପର୍କରେ ପାରଦର୍ଶିତାର ଅପେକ୍ଷା କରିବାଟା ମଧ୍ୟ ନିହାତି ଏକ ଅସଫଳ ପ୍ରଚେଷ୍ଟା ଅଟେ। ସମ୍ପର୍କ ମଣିଷକୁ ବଞ୍ଚିବା ପାଇଁ ପ୍ରେରଣା ଦେଇଥାଏ। ନହେଲେ ତ ଜଣେ ନିଜକୁ ଭାରି ଅସହାୟ ଭାବିବ ଯଦି ସେ ଦେଖିବ ଯେ ତାର କାହା ସହିତ କିଛି ଭାବଗତ ସମ୍ପର୍କ ହିଁ ନାହିଁ!! ପଶୁପକ୍ଷୀ ବୃକ୍ଷଲତା ସମସ୍ତଙ୍କ ସହିତ ଆମର ସଂପର୍କ ଯୋଡି ହୋଇ ରହିଛି। ସେମାନେ ଆମର ଆବଶ୍ୟକତା ପୂରଣ କରନ୍ତି ଆଉ ଆମେ ସେମାନଙ୍କର ଯତ୍ନ ନେଉ। ସେଇଠି ମଧ୍ୟ କାମ କରେ କେବଳ ଏକ ଛଳଛଳ ଭାବଧାରା। ପ୍ରତ୍ୟେକ ସମ୍ପର୍କ ଦୈବୀ ପ୍ରଦତ୍ତ। ସମ୍ପର୍କକୁ ସମ୍ମାନ ଦେବା ଆବଶ୍ୟକ। ସମ୍ପର୍କକୁ ବଞ୍ଚାଇବାକୁ ଆଉ ଦୃଢ଼ କରିବାକୁ ସ୍ୱାଧୀନ କରିଦେବାଟା ନିହାତି ଆବଶ୍ୟକ।



ମଧୁମିତା ମିଶ୍ର

ତେଣୁ କୁହାଯାଏ ନା ଯେ ଦୂରକୁ ଯିବାକୁ ଦିଅ, ଯିଏ ତୁମର ହୋଇଥିବ ସେ ନିଶ୍ଚୟ ଫେରି ଆସିବ ଠିକ୍ ନୀଡ଼ ଫେରନ୍ତା ଚଢ଼େଇଟିଏ ପରି। ଆଉ ଯିଏ ତୁମର ହେଇ ହିଁ ନଥିବ ସେ କେବଳ ମୁକ୍ତ ହେବାକୁ ଚାହୁଁଥିବ ଆଉ ଫୁର୍ କିନା ଉଡ଼ିଯିବ ସୁଯୋଗ ପାଇଲେ। ଠିକ୍ କଥା। ବାନ୍ଧି ରଖିଲେ ବନ୍ଧନଟିଏ ତ ହୋଇ ଯିବନି ବରଂ ଏକ ଅସହାୟତାର କରୁଣ ବିଳାପ ଶୁଣାଯିବ ସମ୍ପର୍କର ଗଭୀର ପ୍ରଦେଶରୁ। କାହାକୁ ବଦଳେଇ ପରାଧୀନ କରି ତା ମନକୁ ଦଳିଦେଇ ନିଜ ଢାଞ୍ଚାରେ ଢ଼ଳେଇ ଯଦି ଭଲପାଇବା ଦେଖେଇ ହେଇ ସମ୍ପର୍କ ଯୋଡାଯାଏ ତେବେ ତାକୁ କେବଳ ସୌଦା ହିଁ କୁହାଯିବ। ହେଲେ ପରସ୍ପରର ମନକଥା ବୁଝି ସ୍ୱାଧୀନ ଛାଡ଼ି ହୃଦୟରୁ ପ୍ରେମ କରି ଯୋଡ଼ି ଦେଇଥିବା ସମ୍ପର୍କ ରଜ୍ଜୁ ସାତ ଜନ୍ମ ପରେ ମଧ୍ୟ ମଜଭୁତ ହୋଇ ସମ୍ମାନର ସହିତ ବନ୍ଧା ହେଇ ରହିଥିବ ଏଥିରେ କୌଣସି ପ୍ରକାରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

□□

ଭୁବନେଶ୍ୱର

# କେରଡ଼ାର ନାଗେଶ୍ୱର ଶ୍ରୀଜଗନ୍ନାଥ

**ଶରତ ଚନ୍ଦ୍ର ମହାପାତ୍ର**

“ଯତ୍ରକ୍ଷେତ୍ରଂ ପବିତ୍ର ବିଲସତ ସିତରୁଙ୍
ମିତ୍ରନେତ୍ରସ୍ୟ ଗାତ୍ରଂ
ଗୋତ୍ରାଯତ୍ରାତିମାତ୍ରା ସ୍ତଦବୟବ ସ୍ମୃତା
ଦୀପ ବତ୍ୟୋବିଚିତ୍ରାଃ
ସ୍ୱସ୍ଥାନସ୍ଥା ପଦସ୍ଥାପିତ ନିଜ ଜନତା
ଦେବତାଃ ସନ୍ତି ନିତ୍ୟା
ମର୍ତ୍ତ୍ୟାଃ ସ୍ୱାର୍ତ୍ତାଃ ସ୍ମରାର୍ତ୍ତା ହରି ଚରଣ
ଶ୍ଳୋକ୍‌ଳଃ ସ୍ତାକ୍‌ଳିଘ୍ନଃ।

(“ଶ୍ରୀକୃଷ୍ଣଙ୍କର ଦେହ ତଥା ପବିତ୍ର କ୍ଷେତ୍ର ଉତ୍କଳ, ଯେଉଁ ଦେଶର ଅବୟବ ପ୍ରକୃତିର ଜୀବନ୍ତ ବନ ପର୍ବତମାଳା, ଯେଉଁଠି ମନ୍ଦିର ତଥା ଗୃହାଙ୍ଗନରେ ଦିନରାତି ପ୍ରଦୀପ ପ୍ରଜ୍ୱଳିତ, ଯେଉଁ ଉତ୍କଳ ମହିମ୍ନମୟ ସାଧୁମାନଙ୍କର ଅବତାର ସ୍ଥଳ, ହରିନାମ ସଂକୀର୍ତ୍ତନରେ ଯେଉଁ ଉତ୍କଳ ଅଙ୍ଗ ସଦା ସୁଖମୟ ସେଇ ଉତ୍କଳର ସମସ୍ତ ଆପଦ ବିପଦକୁ ପ୍ରଭୁ ଶ୍ରୀଜଗନ୍ନାଥ ନାଶ କରନ୍ତୁ।”)

ଭାରତର ଅନ୍ୟତମ ଶ୍ରେଷ୍ଠ ଆଧ୍ୟାତ୍ମସ୍ଥଳୀ କେରଡ଼ାଗଡ଼। କେଉଡ଼ାଫୁଲର ମହକରେ କେରଡ଼ା ହେଉଥିଲା ମହକିତ ସୁରଭିତ। ଗାଁର କଡ଼େ କଡ଼େ ବୋହି ଚାଲିଛି ପୂତ ଅନ୍ତଃସଲିଳା ଫଲ୍‌ଗୁପରି ବ୍ରହ୍ମୋତ୍ରୀ ନଦୀ (ବ୍ରାହ୍ମଣୀ)। ସେଇ ବିରାଟ ଗନ୍ଧବତୀ ପୁଣ୍ୟଭୂମି କେରଡ଼ାର ନଦୀମାତୃକା। କହିଚାଲିଛି କାହାଣୀ ପ୍ରାୟତଃ ୮୦୦ ବର୍ଷର। ଜନଶ୍ରୁତି ଓ ଇତିହାସର ଫେଣ୍ଟାଫେଣ୍ଟି ବର୍ଣ୍ଣନାରୁ ମିଳେ - “ଖ୍ରୀ. ୪ର୍ଥ ଶତାବ୍ଦୀର ଶେଷ ଭାଗରୁ ଓଡ଼ିଶାରେ ଭୌମବଂଶର ରାଜୁତି ଆରମ୍ଭ। ଦୁଇଜଣ ରାଣୀଙ୍କର ବୈଶିଷ୍ଟ୍ୟପୂର୍ଣ୍ଣ ରାଜୁତି। ତ୍ରିଭୁବନ ମହାଦେବୀ ଓ ଦଣ୍ଡୀ ମହାଦେବୀ। ରାଜଧାନୀ ଯାଜପୁର। ଭୌମବଂଶର ରାଜା ଶୁଭକର-୨ୟ ନାଗବଂଶର ରାଜମଲ୍ଲଙ୍କ କନ୍ୟା ତ୍ରିଭୁବନ ଦେବୀଙ୍କୁ ବିବାହ କରିଥିଲେ। ଶୁଭକରଙ୍କର ଅକାଳ ମୃତ୍ୟୁ ପରେ ରାଣୀ ତ୍ରିଭୁବନ ଦେବୀ ଶାସନ ଦଣ୍ଡ ଧାରଣ କରିଥିଲେ। ଉପହାର ସ୍ୱରୂପ କେରଡ଼ା ରାଜ୍ୟ ତାଙ୍କୁ କଲେ ଅର୍ପଣ। ନାଗବଂଶୀମାନେ ପରମ ବିଷ୍ଣୁ ଭକ୍ତ। ସେ ରାଜଧାନୀ କେରଡ଼ା ଠାରେ ପ୍ରତିଷ୍ଠା କଲେ ଶ୍ରୀଜଗନ୍ନାଥ ବିଶାଳ ପଦ୍ମ ପତ୍ର ଆୟତ ନେତ୍ରର ଶ୍ରୀବିଗ୍ରହ।

ହେଲେ ଏ ନାଗ କିଏ? ଐତିହାସିକ ମାନଙ୍କର ମତରେ - ନାଗ-ଶକ ଜାତିର ଏକ ଶାଖା ଥିଲେ। ପ୍ରଥମେ ଏମାନେ ହିମାଳୟର ଉତ୍ତରରେ ରହୁଥିଲେ। ତିବ୍ବତ ଦେଶୀୟ ଲୋକମାନେ ଆପଣାକୁ ନାଗବଂଶୀ ଓ ଆପଣା ଭାଷାକୁ ନାଗଭାଷା ବୋଲି କହୁଥିଲେ। କିନ୍ତୁ ଭାରତୀୟ ପୁରାଣକାରମାନେ କହନ୍ତି - ନାଗଶବ୍ଦ ‘ନଗ’ ଧାତୁରୁ ଆସିଛି। ନଗ ଅର୍ଥ = ଭୀଷଣ ବନାକୀର୍ଣ୍ଣ ପର୍ବତ ଅଞ୍ଚଳ। ଏଇଠାରେ ଯେଉଁମାନେ ବାସ କରନ୍ତି ତାଙ୍କୁ ନାଗା କୁହାଯାଏ। ସେମାନଙ୍କର ନିବାସସ୍ଥାନ ପର୍ବତମୟ ଘଞ୍ଚ ଜଙ୍ଗଲ ଅଞ୍ଚଳ। ଉଲଗ୍ନ ସନ୍ନ୍ୟାସୀ ସମ୍ପ୍ରଦାୟ। ଆସାମର ନାଗା ପର୍ବତର ଘଞ୍ଚ ଜଙ୍ଗଲରେ ଏମାନେ ଅଧିବାସୀ। ଅତ୍ୟନ୍ତ ବିଷ୍ଣୁ ଉପାସକ। ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପାଇଁ ଏମାନେ ସମଗ୍ର ଭାରତର କୋଣେ ଅନୁକୋଣେ ଭ୍ରମଣ କରି ନାଗାମଠମାନ ସ୍ଥାପନ କରିଛନ୍ତି। ନାଗା ବେଶଧାରୀ ନାରାୟଣଙ୍କୁ ସ୍ଥାପନ କରିଛନ୍ତି। ଭାରତର ଶେଷସୀମା ରାଜନଗର ଓ ଡାଙ୍ଗମାଳରେ ବି ସେମାନେ ନାଗାମଠ ସ୍ଥାପନ କରିବାକୁ ପଛାଇ ନାହାନ୍ତି। ସ୍ୱୟଂ ଜଗନ୍ନାଥ ପ୍ରିୟ ହୋଇଥିବାରୁ ଜଗନ୍ନାଥଙ୍କର ନାଗାର୍ଜୁନ ବିଖ୍ୟାତ ବେଶ ହୁଏ। ପୁରୀରେ ଦଶହରା ସମୟରେ ଗୋସାଣୀ ଯାତ୍ରାରେ କଳାକାରମାନେ ନାଗାବେଶଧାରୀ ସର୍ପ ଓ ବିବିଧ ଅସ୍ତ୍ରଭୂଷିତ ବୀର ଓ ସନ୍ନ୍ୟାସୀ ବେଶରେ ବାହାରନ୍ତି। ତେଣୁ ଭୟଙ୍କର ଶ୍ୱାପଦସଙ୍କୁଳ କେରଡ଼ା ରାଜ୍ୟ ନାଗାରାଜାମାନଙ୍କର ପ୍ରିୟ ଥିଲା।

ଅତ୍ୟନ୍ତ କାବ୍ୟିକ ଢଙ୍ଗରେ ନିଜ ଦେଖା ଓ ଜନଶ୍ରୁତିକୁ ମିଶାଇ ‘ଭଞ୍ଜକନିକା’ରେ କବିରତ୍ନ କେରଡ଼ାର ବର୍ଣ୍ଣନା କରିଛନ୍ତି, ପୃ-୧୩ରେ କଳହଂସ କେଦାରେ ରାଗରେ।

“ଏହାର ବାୟୁ କୋଣେ କେରଡ଼ା ଦେଶ। ନାଗବଂଶୀୟ ଯହିଁ ଥିଲେ ନରେଶ ଯେ।
+++
ପୁତବ୍ରାହ୍ମୀ ସରିତ ତା ସୀମା ସମ। ଗହନ ବନେ ସଦା ଅତି ଦୁର୍ଗମ ଯେ।
ବ୍ୟାଘ୍ର ବରାହ, ନାଗ ବସତି ସ୍ଥଳୀ। ଏ ଜନ ପଦେ କେହି ନପାରେ କଳି ଯେ।
ବ୍ରାହ୍ମୀର ଉପକଣ୍ଠେ ତାଙ୍କ ପ୍ରାସାଦ। ଲୋକରେ ଜାତ କରେ ଚିତ୍ତେ ଆହ୍ଲାଦ ଯେ।

ବନଭୂମିରେ ବିସ୍ତୃତ ରାଜଗଡ଼ ଠାରୁ ରିଘାଗଡ଼ ପର୍ଯ୍ୟନ୍ତ ବର୍ତ୍ତୁଳାକାର କେରଡ଼ା ରାଜ୍ୟର ପାଇକମାନେ ସାହସୀ ଓ ଦୁର୍ଦ୍ଧର୍ଷ ଥିଲେ। ଏକ ଯୋଦ୍ଧା ଜାତି ରୂପେ ଏହାର ସ୍ୱତନ୍ତ୍ର ପରିଚୟ ଥିଲା। ରାଜ୍ୟର ରାଜଧାନୀ ଥିଲା କେରଡ଼ାଗଡ଼। ଇଷ୍ଟଦେବ ଶ୍ରୀଜଗନ୍ନାଥ। ପୁରୀ ଶ୍ରୀଜଗନ୍ନାଥଙ୍କ ଢାଞ୍ଚାରେ ଭୋଗରାଗ ଅନୁଷ୍ଠିତ ହୁଏ। ମୁଖ୍ୟ ଆୟ ଥିଲା ବାରଗାଁ ଅଞ୍ଚଳର ଶସ୍ୟ କେଦାର। ଜଳଦସ୍ୟୁମାନଙ୍କ ଆକ୍ରମଣ ଭୟରେ ନାଗବଂଶୀୟ ରାଜାମାନେ ସାନବଡ଼ ନଅଟି ଗଡ଼ ରଚନା କରିଥିଲେ। ଭଞ୍ଜକନିକା ଲେଖନ୍ତି (ପୃ-୧୩-୧୪) - “ଜଳଦସ୍ୟୁଙ୍କ ଭୟେ ସେ ସାନ ବଡ଼। ରଚିଥିଲେ ସ୍ୱଦେଶେ ନଅଟି ଗଡ଼ ଯେ। କେଉଁ ଗଡ଼େ କରନ୍ତି ସେ ଅବସ୍ଥାନ। ପାଇ ନପାରେ ଶତ୍ରୁ ତାର ସନ୍ଧାନ।” ଅତିଶୟ ବିଷ୍ଣୁଭକ୍ତ ହୋଇଥିବାରୁ ୯ଟି ଗଡ଼ରେ (୧) କେରଡ଼ାଗଡ଼, (୨) ରାଜଗଡ଼, (୩) ଭିତରଗଡ଼, (୪) ବାହାରଗଡ଼, (୫) ନଗଡ଼, (୬) ରିଘାଗଡ଼, (୭) ବାଉଁଶଗଡ଼, (୮) ନରଣଗଡ଼, (୯) ଧୋବେଇଗଡ଼।

ପୁଣି ଚମତ୍କାର ଶୈଳୀରେ ପ୍ରତି ଦୁର୍ଗରେ (ଗଡ଼ରେ) ଭିନ୍ନାକାରରେ ବିଭିନ୍ନ ଦେବ ମନ୍ଦିର ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ଗଠନ କରିଥିଲେ।

କିନ୍ତୁ ଇତିହାସର ବିଚିତ୍ର ପରିହାସ କେରଡ଼ା ରାଜା ଭିତରଗଡ଼ରେ ବିଶ୍ରାମ ନେଉଥିବା ବେଳେ କନିକା ରାଜା ଦିବ୍ୟସିଂହ ଭଞ୍ଜଙ୍କ ସୈନ୍ୟମାନଙ୍କ ସହ ପ୍ରଚଣ୍ଡ ରଣରେ ମୃତ୍ୟୁବରଣ କରିଥିଲେ। ଫଳରେ କେରଡ଼ା ରାଜ୍ୟ କନିକା ରାଜତ୍ୱରେ ମିଶିଯାଇଥିଲା। ହେଲେ କାଳକାଳକୁ ରଖି ଦେଇଗଲେ କୀର୍ତ୍ତିରାଜି ଥାଳ। ଶ୍ରୀଜଗନ୍ନାଥ ଆଉ ପରମ ବୈଷ୍ଣବ ଅଧ୍ୟୁଷିତ କର୍ଷିତ ଭୂମି ପାବନ କେରଡ଼ା ଯେଉଁଠି ଜନ୍ମ ନେଲେ ଅନ୍ୟତମ ଶ୍ରେଷ୍ଠ ସନ୍ଥ, ମହାନ ଶିକ୍ଷକ, ଅସୀମ ତପସ୍ୟାର ତ୍ୟାଗୀସାଧକ ନାମାଚାର୍ଯ୍ୟ ଶ୍ରୀମନ୍ ବାୟାବାବା, ସଚ୍ଚିଦାନନ୍ଦ ମଠ ଓ ଷଡ଼ଭୁଜ ଗୌରାଙ୍ଗ ଓ ମନୋରମ ବିଶାଳ ବଡ଼ଦାଣ୍ଡ।

କେରଡ଼ାର ଶ୍ରୀଜଗନ୍ନାଥ ମନ୍ଦିର ନଟି ଗଡ଼ମାନଙ୍କ ମଧ୍ୟରେ ମୁଖ୍ୟ ଗଡ଼ ଥିଲା। ରାଜନଗର ବ୍ଲକ୍‌ର ବାଲିସାହିପାଟଣା ଗ୍ରାମ ପଞ୍ଚାୟତର ତଥା ରାଜନଗର ଉତ୍ତର ଦିଗରେ ଓ ରାଜନଗର ଠାରୁ ୩/୪ କି.ମି. ଦୂରରେ ଜଗନ୍ନାଥ ମନ୍ଦିର ଅବସ୍ଥିତ। ରାଜଧାନୀ କେରଡ଼ାଗଡ଼ରେ ଥିବା ସାତ ବଖରା ସ୍ଥାନଟି ମୁଖ୍ୟଗଡ଼ର ମୂକସାକ୍ଷୀ। କନିକା ରାଜ୍ୟକୁ କେରଡ଼ା ରାଜ୍ୟ ହସ୍ତାନ୍ତର ହେଲାପରେ କନିକାର ଭଞ୍ଜବଂଶୀୟ ରାଜା ୨୯ ପିଢ଼ିର ପ୍ରାୟତଃ ୧୮୨୩ରୁ ୧୮୨୮ ମଧ୍ୟରେ ରାଜା ଜଗନ୍ନାଥ ଭଞ୍ଜ ପୁରୀ ଢାଞ୍ଚାରେ ପ୍ରାସାଦ ମଧ୍ୟରେ ଅନେକ ଚାରୁ ଭାସ୍କର୍ଯ୍ୟ ଶିଳ୍ପର ପରାକାଷ୍ଠା ଦେଖାଇଛନ୍ତି। ପ୍ରାସାଦର ସୁଷମାକୁ ସୌନ୍ଦର୍ଯ୍ୟ ବିମଣ୍ଡିତ କରିଛି ବିସ୍ମୟକର ସୃଷ୍ଟି ଗୋଟିଏ ମାତ୍ର ମୁଗୁନି ପଥରରେ ନିର୍ମିତ ଅଭିନବ ଦଶାବତାର ମୂର୍ତ୍ତି, ଯାହା ମନ୍ଦିର ମୁଖଶାଳାର ଦକ୍ଷିଣ ପଟରେ ସ୍ଥାପିତ। ଆଶ୍ଚର୍ଯ୍ୟର କଥା ମନ୍ଦିର ରେଖ ଶୈଳୀରେ ଇଟାଦ୍ୱାରା ନିର୍ମିତ। ମନ୍ଦିରର ଉଚ୍ଚତା ୬୦/୭୦ ଫୁଟ୍ ଥିଲାବେଳେ ସ୍ୱୟଂ ଜଗନ୍ନାଥ ଦାରୁମୂର୍ତ୍ତିର ଉଚ୍ଚତା ୫ ଫୁଟ୍‌ରୁ ସାମାନ୍ୟ ଅଧିକ। ମନ୍ଦିର ମୁଖ୍ୟତଃ ଗର୍ଭଗୃହ (ଗମ୍ଭୀରା), ଚନ୍ଦନ ଅର୍ଗଳି, ଗରୁଡ଼ ବଖରା ଓ ମୁଖଶାଳା - ଏଇପରି ଚାରିଭାଗରେ ବିଭକ୍ତ। ଏଠାରେ ରତ୍ନବେଦୀ ଉପରେ ଏକମାତ୍ର ଜଗନ୍ନାଥ ପୂଜା ପାଉଛନ୍ତି। ଅନ୍ୟ ଦୁଇମୂର୍ତ୍ତି ନାହାନ୍ତି। ସିଂହାସନର ଦୁଇକଡ଼ ପିଢ଼ିରେ ଶଂଖ, ଚକ୍ର, ପଦ୍ମ ଚିତ୍ର ଅଙ୍କିତ ହୋଇଥିବା ବେଳେ ବାଳଗୋପାଳଙ୍କ ଚିତ୍ର ଅଙ୍କିତ। ମନ୍ଦିର ଭିତରେ ଗରୁଡ଼ ସ୍ତମ୍ଭର ଡାହାଣ ପଟରେ ଦଧିବାମନଙ୍କ ସହ ଶାଳଗ୍ରାମ, ପତିତପାବନ, ରାମ, ମଦନମୋହନ, ଅଧିକାରୀ, ମହାବୀର ଓ ବାସୁଦେବ ପୂଜା ପାଉଛନ୍ତି। ମନ୍ଦିରର ଦକ୍ଷିଣ ଦ୍ୱାରରେ ଦୁର୍ଗା, ମହାମାୟା, ଲକ୍ଷ୍ମୀ - ପୂର୍ବଦ୍ୱାରରେ ମିହିର ବରାହ, ଲକ୍ଷ୍ମୀ, ଚତୁର୍ଭୁଜା ଦୁର୍ଗା, ଚତୁର୍ଭୁଜ ଗୌରାଙ୍ଗ, ସପ୍ତଋଷି, ନବଗ୍ରହ ମୂର୍ତ୍ତି, ବିମଳା ମନ୍ଦିର ପ୍ରଭୃତି ମୂର୍ତ୍ତି ମନ୍ଦିର ଗାତ୍ରର ଶୋଭାବର୍ଦ୍ଧନ କରୁଛନ୍ତି। ବିଶାଳ ପରିସୀମା ବିଶିଷ୍ଟ ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ମନ୍ଦିର ଗାତ୍ରରେ ୧୨ଟି ହାତ ଥିବା ପାତାଳି ଶିବଙ୍କ ମୂର୍ତ୍ତି। ଆହୁରି ଚମତ୍କାର ମନ୍ଦିର ବେଢ଼ାରେ ତ୍ରିକୋଣାକାର ତିନିଗୋଟି କୂଅ ନିର୍ମିତ। ବର୍ତ୍ତମାନ ବ୍ୟବହାର ଉପଯୋଗ ନୁହେଁ। ଆହୁରି ବିସ୍ମୟ ଜଗାଏ ଭକ୍ତ ଦର୍ଶକ ହୃଦୟରେ ମନ୍ଦିର ଗାତ୍ରରେ ଅଦ୍ଭୁତ ହାତର ଏକ ମନ୍ଦିର ଭଳି ଦେଖାଯାଉଥିବା ସ୍ଥାନରେ ରହିଛି ବାରହାତ ଥିବା ପାତାଳି ଶିବ ମୂର୍ତ୍ତି। ତେଣୁ କେରଡ଼ାର ଲୋକ ଗାଆନ୍ତି, ଡଗ ମେଳନ୍ତି - “ନଅଗଡ଼ ତିନିକୂଅ, ଅଦ୍ଭୁତ ହାତ ଦେଉଳରେ ବାରହାତ ଦିଅଁ, କହିଦେବୁ ଯଦିତୁ କେରଡ଼ାର ପୁଅ।” ମନ୍ଦିରର ପଶ୍ଚିମ ପଟରେ ରହିଛି



ନରସିଂହ ମୂର୍ତ୍ତି। ଦକ୍ଷିଣ ପଟ ଭିତର ବେଢ଼ାରେ ରହିଛି ଠାକୁରଙ୍କ ଅନ୍ନ, ଜଳଖିଆ ପ୍ରସ୍ତୁତି ଘର। ମନ୍ଦିରର ପଶ୍ଚିମ ପଟରେ ରୋଷେଇ ଘର, ଦାରୁ ଘର (ଏବେ ଭଗ୍ନ ପ୍ରାୟ)। ମନ୍ଦିର ପଶ୍ଚିମ ପଟ ସୀମାରେ ରହିଛି ପରମ ଆକର୍ଷଣୀୟ ଦୁଇଟି ବିଶାଳକାୟ ପୋଖରୀ। ପ୍ରାୟ ଚାରି ଏକର ଆୟତନ ବିଶିଷ୍ଟ ଶାମୁକା ପୋଖରୀ ଏବଂ ତାକୁ ଲାଗି ରହିଛି ବାର ଏକର ବିଶିଷ୍ଟ କଡ଼ାକିଆ ପୋଖରୀ, ବିରାଟ ବଗିଚା। ପୁନଶ୍ଚ ମାଉସୀମା’ ମନ୍ଦିର କୁହାଯାଉଥିବା କଚ୍ଚାଘରଟି ନଅ ନଂଘା ବିଶିଷ୍ଟ। ସାଧାରଣତଃ ଚାଳଘର ୪ ନଂଘା ହୋଇଥିବା ବେଳେ ଏଠି ମାଉସୀମା’ଙ୍କ ଘରର ନିର୍ମାଣ ପ୍ରଣାଳୀ ନଅଗୋଟି ନଂଘାର ବିଶେଷତ୍ୱ ବହନ କରେ।

ଠିକ୍ ପୁରୀର ଶ୍ରୀବିଗ୍ରହମାନେ ୦ଠ ଆଡ଼କୁ କ୍ରମଶଃ ନୃସିଂହମୂର୍ତ୍ତି ପରି ଗଠିତ ହୋଇଥିବା ବେଳେ କେରଡ଼ାଗଡ଼ର ଶ୍ରୀଜଗନ୍ନାଥ ବିଶାଳ ମୂର୍ତ୍ତିର ପଦ୍ମପତ୍ର ଆଖି ସତରେ ଏକାବେଳକେ ଲୋଭନୀୟ। ଆଉ ୦ଠ ଆଡ଼କୁ ଗଠନ ଠିକ୍ ଶ୍ରୀ ନୃସିଂହଙ୍କ ପରି।

**ପୂଜାବିଧିର ପ୍ରଚଳନ -**

ଅବିକଳ ଶ୍ରୀମନ୍ଦିର ପୁରୀ ଅନୁସରଣରେ ଏଠାରେ ପୂଜାବିଧିର ପ୍ରଚଳନ ହୋଇଆସୁଛି। ଦୁଇଶହ ଏକରରୁ ଅଧିକ ଜମି ଶ୍ରୀଜଗନ୍ନାଥଙ୍କ ବର୍ଷସାରା ନିତି ପୂଜାପାର୍ବଣ ପାଇଁ କନିକା ରାଜା ଖଞ୍ଜିଦେଇଛନ୍ତି। ଷୋଡ଼ଶ ଉପଚାର ପୂଜା ପାଇଁ ଦୁଇଜଣ ପୂଜାପଣ୍ଡା, ଦୁଇଜଣ ପତିବଡ଼ୁ, ଚାରିଜଣ ସୁଆର ନିଯୁକ୍ତ। ଠାକୁରଙ୍କ ସେବା ପାଇଁ ଦୁଆରୀ, ତହଲିଆ, ବାରିକ, ଘାଟକ (ଜଗୁଆଳି), ଗରାବଡ଼ିଆ, ମାଳୀ ନିଯୁକ୍ତି ପାଇଛନ୍ତି। କନିକା ରାଜା ମନ୍ଦିରର ପୂଜା ପାର୍ବଣ ଓ ଶୃଙ୍ଖଳିତ ପରିଚାଳନା ପାଇଁ ଜଣେ ମେନେଜର ନିଯୁକ୍ତି କରିଛନ୍ତି। ଏହାଙ୍କୁ ମନ୍ଦିର ବିଶୋଇ ବୋଲି କୁହାଯାଏ।

ସକାଳ ଘ. ୫.୩୦ ମି.ରୁ ସିଂହଦ୍ୱାର ଫିଟା, ଦେବାର୍ଚ୍ଚନା, ମୁଆଁମଣୋହୀ, ବାଲ ଖେଚଡ଼ି ଧୂପ, ବଡ଼ଧୂପ, ପହଡ଼, ଅପରାହ୍ନରେ ପଣାମଣୋହୀ, ସନ୍ଧ୍ୟା ଆଳତୀ, ବଡ଼ଧୂପ, ବଡ଼ସିଂହାର ବେଶ ହୁଏ ରାତି ୧୧ଟାରେ। ମଣୋହୀ ପାଇଁ ଷଡ଼ରସ ବ୍ୟଞ୍ଜନ ଭିତରେ ଜୀରା ମରିଚ, ବେସର, ଖଟା, ଡାଲି, ଶାଗଭଜା ଓ କ୍ଷୀରି ଲଗାହୁଏ। ସନ୍ଧ୍ୟା ଧୂପରେ ପୁର କାକରା, ପୋଡ଼ପିଠା, ସାଧା ପଖାଳ, ତରକାରୀ, ଦହି ପଖାଳ, ସରପଣା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସବୁଠାରୁ କରୁଣା ବାରିସି ଚିତ ଆକର୍ଷଣୀୟ ମନଲୋଭା ନୈବେଦ୍ୟ - ପୁରକାକରା, ପୋଡ଼ପିଠା ଓ ସାତପୁରୀ।

ରାଜନଗର ଅଞ୍ଚଳର ଏହା ପ୍ରସିଦ୍ଧ ରଥଯାତ୍ରା। ଅନନ୍ତ ଆକାଶ ପରି ମେଳାହୋଇ ଖୋଲା ହୋଇ ପଡ଼ିଚି ଭକ୍ତିର ବଡ଼ଦାଣ୍ଡ। ଆଠଚକ ବିଶିଷ୍ଟ ରଥଟଣା ହୋଇ ଗାଁର ଶେଷ ମୁଣ୍ଡରେ ଥିବା ମାଉସୀ ମା’ ମନ୍ଦିରରେ ପହଞ୍ଚେ। ରଥରେ କନିକାରାଜା ଛେରା ପହଁରା କରିଥାନ୍ତି।

ଉତ୍ସବ ମଧ୍ୟରେ ଜନ୍ମାଷ୍ଟମୀ, ରାମନବମୀ ଓ ହୋଲି, କାର୍ତ୍ତିକ ବ୍ରତ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ। ଓଡ଼ିଶାର ଅନ୍ୟତମ ଆକର୍ଷଣୀୟ କ୍ଷେତ୍ର କେରଡ଼ାଗଡ଼। ଯହିଁ କ୍ଷେତ୍ରାଧିପତି ସ୍ୱୟଂ ଜଗନ୍ନାଥ ଓ ବିଶ୍ୱଗୁରୁ ଶ୍ରୀମାନ୍ ନାମାଚାର୍ଯ୍ୟ ବାୟାବାବା।

□□

ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ
ରାଜନଗର, କେନ୍ଦ୍ରାପଡ଼ା

# ରାଜପଥ ରାଜନୀତି ବନାମ ଲୋକମତ

ସମଗ୍ର ଓଡ଼ିଶାରେ ଭୌଗାଳିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଅଞ୍ଚଳକୁ ଉପକୂଳ ରାଜପଥ ପ୍ରକଳ୍ପରୁ ବାଦ୍ ଦେବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଏକ ବଡ଼ ଶଠତା। ଏହା କେବଳ ରାଜନଗର ପାଇଁ ପ୍ରତାରଣା ନୁହଁ ବରଂ ସମୁଦାୟ କେନ୍ଦ୍ରାପଡ଼ା ଜିଲ୍ଲାର ଆର୍ଥନୀତିକ ପ୍ରଗତିର ଅନ୍ତରାୟ ବୋଲି କହିହେବ। କେନ୍ଦ୍ର ସରକାର ଉପକୂଳ ରାଜପଥ ନିର୍ମାଣ ପରିକଳ୍ପନା କରି ଉପକୂଳ ଜିଲ୍ଲାର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ମଧ୍ୟ ସଫଳ ହୋଇପାରିବ ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲାର ପରିଚୟକୁ ଦେଶ ବିଦେଶରେ ବହୁଗୁଣିତ କରିବାରେ ଭିତରକନିକା ଜାତୀୟ ଉଦ୍ୟାନ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। କୁହାଯାଉଛି ଲୁଣା ଜଙ୍ଗଲର ନିଷିଦ୍ଧାଞ୍ଚଳ ଓ ନଦୀ ନାଳ ପରିବେଷ୍ଟିତ କାରଣରୁ ରାଜନଗର ଅଞ୍ଚଳକୁ ଉପକୂଳ ରାଜପଥ ପ୍ରକଳ୍ପରୁ ଏହାକୁ ବାଦ୍ ଦିଆଯାଇଛି। ଏହା ସ୍ଥାନୀୟ ଅଂଚଳର ବାସିନ୍ଦାଙ୍କ ପାଇଁ ବହୁ ଦୃଷ୍ଟିକୋଣରୁ ଅନ୍ୟାୟ। ପ୍ରଥମତଃ ଜଙ୍ଗଲ ସମ୍ପଦକୁ ସୁରକ୍ଷା ଓ ପରିବର୍ଦ୍ଧନ ପାଇଁ ସ୍ଥାନୀୟ ଲୋକମାନଙ୍କ ପୈତୃକ ସମ୍ପତ୍ତିକୁ ତ୍ୟାଗ କରିବାକୁ ପଡ଼ିଛି। କୃଷି ବ୍ୟତୀତ ରୋଜଗାରର ଅନ୍ୟ କୌଣସି ବିକଳ୍ପନଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ଉପରୁ ସ୍ଥାନୀୟ ଲୋକଙ୍କ ଅଧିକାରକୁ ମଧ୍ୟ ସଙ୍କୁଚିତ କରାଯାଇଛି। ବନ୍ୟଜନ୍ତୁ ଓ କୁମ୍ଭୀରଙ୍କ ଦ୍ୱାରା ପର୍ଯ୍ୟାପ୍ତ ଜନ, ଧାନ , ଧନ ମଧ୍ୟ କ୍ଷତି ଘଟିଛି। ଏହା ପରେ ବି ସାମୁଦ୍ରିକ ଅବା ଉପକୂଳୀୟ ଉଦ୍ୟାଗ ପ୍ରତିଷ୍ଠା ହେବାରୁ ଏହି ଅଂଚଳ ବଞ୍ଚିତ ହେଇଛି । ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳ ପାଇଁ ରୋଜଗାରର କୌଣସି ବିକଳ୍ପ ବ୍ୟବସ୍ଥା ଏଯାଏ ସମ୍ଭବ ହୋଇ ପାରିନାହିଁ। ଦିବଂଗତ ବିଜୁବାବୁଙ୍କ ରାଜନଗରକୁ ବମ୍ବେ ସହର କରାଇବା ପରି ଧୂଆଁବାଣ ସହ ପରିଚିତ ରାଜନଗରବାସୀ ଏବର ବିଜେପି ସରକାରର ଉପେକ୍ଷାକୁ ମଧ୍ୟ ସହିବାକୁ ବାଧ୍ୟ ହେବାକୁ ଯାଉଛି। ଏପରି କରାଯିବା ଏକ ରାଜନୀତିକ ଚକ୍ରାନ୍ତ ପରି ମନେହେଉଛି। ଏହା ଚକ୍ରାନ୍ତ ହେଉ ଅବା ଉଦାସୀନତା କିନ୍ତୁ ଏଥିରେ ସାମିଲଥିବା



ପ୍ରଦୀପ ନାୟକ

ବନ୍ଧପଡ଼ା, ରାଜନଗର, କେନ୍ଦ୍ରାପଡ଼ା
ମୋ : ୮୯୧୭୩୭୦୨୨୭

ରାଜନେତାଙ୍କ ମୁଖା ଖୋଲିବା ସହିତ ସେମାନଙ୍କ ଦୀର୍ଘ ଭବିଷ୍ୟତ ପାଇଁ ଅବଶ୍ୟ ଏହା ନିର୍ଣ୍ଣାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ । ଦ୍ୱିତୀୟ ପର୍ଯ୍ୟାୟ ରାଜପଥ ମାର୍ଗ ସ୍କେଚରେ ସଂଶୋଧିନ କରାଯାଇ ରାଜନଗର ଅଂଚଳକୁ ସାମିଲ କରାନଗଲେ ରାଜନଗର ପରି ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ସ୍ଥାପନାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ। ପେଣ୍ଠ, ସାତଭାୟା, ଡାଙ୍ଗମାଳ ପରି ପର୍ଯ୍ୟଟନକ୍ଷେତ୍ର ସବୁଦିନ ପାଇଁ ଅବହେଳିତ ହୋଇ ରହିଯିବ ବୋଲି ଆଶା କରାଯାଉଛି। ତାପରେ କେବଳ ଭିତରକନିକା ଓ ତାର ସଂଲଗ୍ନ ନଦୀ ନାଳ ଯେ ଉପକୂଳ ରାଜପଥର ବାଧକ ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ ପରି ବୋଧ ହେଉଛି। ଅଧିକ ଭାବରେ ଏହି ଅଂଚଳରେ ଏବର ସରକାରଙ୍କ ବିଶେଷ ସମର୍ଥନ ନଥିବା କାରଣରୁ ରାଜ୍ୟ ନେତୃତ୍ୱ ରାଜନଗରକୁ ଏପରି ଉପେକ୍ଷା, ଅବହେଳା କରୁଥିବା ସାଧାରଣରେ ଧାରଣା ସୃଷ୍ଟି ହେଉଛି । ଏହି ଧାରଣା ବଳବତ୍ତର ରହିଲେ ଆଗାମୀ ଦିନରେ ସମୁଦାୟ ଲୋକମତ ଆଞ୍ଚଳିକ ସ୍ୱାର୍ଥ ରକ୍ଷା ଦିଗରେ ଅସ୍ତ୍ର ପରି କାମଦେବ ବୋଲି ରାଜନୀତିକ ବିଶାରଦମାନେ ମତ ଦେଉଛନ୍ତି। ଏହି ସବୁକୁ ଦୃଷ୍ଟିରେ ରଖି ହୀନମନ୍ୟ ତଥା ପକ୍ଷପାତୀ ରାଜନୀତିରୁ ଦୂରେଇ ରହି ଦ୍ୱିତୀୟ ପର୍ଯ୍ୟାୟ ରାଜପଥ ନିର୍ମାଣ ସ୍କେଚ ସଂଶୋଧନ ପୂର୍ବକ ଏହାକୁ ପାରାଦ୍ୱୀପରୁ ମହାକାଳପଡ଼ା,ମହକାଳପଡ଼ାରୁ ତନ୍ତିଆପାଳ, ତନ୍ତିଆପାଳରୁ ପେଣ୍ଠ, ପେଣ୍ଠଠାରୁ ହାତୀନା, ପରେ ପରେ ହଁସିଣା, ଘଡିଆମାଳ, ରାଜକନିକା ଏବଂ ସେଠୁ ଚାନ୍ଦବାଲି ଯାଏ ସଂଯୋଗ କରିବା ପାଇଁ ଦାବି ହେଉଛି। ଏହି ଦାବିକୁ କେବଳ ଆଞ୍ଚଳିକ ଦାବି ଭାବରେ ନନିଆଯାଇ ବରଂ ଜିଲ୍ଲାର ପର୍ଯ୍ୟଟନଭିତ୍ତିକ ଶିଳ୍ପ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଚିନ୍ତା କରିବାକୁ, ପୁନର୍ବିଚାର କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ହେଉଛି।

□□

## ଜିଲ୍ଲାସ୍ତରୀୟ ଜନଶୁଣାଣି
# ଶତ ପ୍ରତିଶତ ସମାଧାନ ଉପରେ ଗୁରୁତ୍ୱ




**ବ୍ରହ୍ମପୁର :** ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ଶୁଣାଣୀ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ,ଗଞ୍ଜାମ ସମୀର କୁମାର ଜେନା ଉପସ୍ଥିତ ରହି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କରିଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଏହାର ତ୍ୱରିତ୍ ସମାଧାନ ଦିଗରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଜନଶୁଣାଣୀରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଖାଉଟି କାର୍ଡ, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ, ଜମିଜମା, ସାମୁହିକ ଉନ୍ନୟନ ଏବଂ ବ୍ୟକ୍ତିଗତ ସହାୟତା ସମ୍ବନ୍ଧୀୟ ଆବେଦନ ଉପରେ ବିଚାର କରାଯାଇଥିଲା । ସୁଭଦ୍ରା ହେଲ୍ପ ଡେସ୍କ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧିତ ସହାୟତାର ବ୍ୟବସ୍ଥା କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ଜନଶୁଣାଣୀରେ ସମୁଦାୟ ୧୧୩ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା । ତନ୍ମଧ୍ୟରୁ ୯୦ ଟି ବ୍ୟକ୍ତିଗତ ଆବେଦନ, ୦୯ ଟି ଗ୍ରାମ୍ୟ ସମସ୍ୟା ଆଧାରିତ ଥିବା ବେଳେ ୩ଟି ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା । ୧୧ ଜଣଙ୍କୁ ୭୦ ହଜାର ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜନଶୁଣାଣୀ ଶିବିରରେ ଉପସ୍ଥିତ ବିଭାଗୀୟ ଅଧିକାରୀଗଣ ସକ୍ରିୟ ସହଯୋଗ କରିଥିଲେ । ମହାନଗର ନିଗମର ଡେପୁଟି କମିଶନର ଏବଂ ସଦର ଏସ୍.ଡ଼ି.ପି.ଓ ମଧ୍ୟ ଶିବିରରେ ଯୋଗ ଦେଇଥିଲେ । ଭୀଷ୍ମଗିରି ର ଏମ୍. ସୀମାଞ୍ଚଳ ପାତ୍ର ଏବଂ କଲମ, ବାଲିପଦର ର ବଙ୍ଗାଳୀ ପ୍ରଧାନଙ୍କ ସହ ୯ ଜଣ ଦୃଷ୍ଟିବାଧିତ ଙ୍କର ଜନଶୁଣାଣୀରେ ସହାୟତା ଆବେଦନ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା ।

# ଦୈନିକ ଚାଲିବ ବ୍ରହ୍ମପୁର-ଉଧ୍ନା ଅମୃତ ଭାରତ ଏକ୍ସପ୍ରେସ

## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ

- ଗୁଜୁରାଟ ସହ ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଆହୁରି ନିବିଡ଼ ହେବ: ମୁଖ୍ୟମନ୍ତ୍ରୀ
- ବିଶ୍ୱସ୍ତରୀୟ କରିବା ପାଇଁ ଖର୍ଚ୍ଚ ହେବ ୩୦୦ କୋଟି : ରେଳ ମନ୍ତ୍ରୀ





**ଭୁବନେଶ୍ୱର :** ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଯାଇଛି । ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧ୍ନା (ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ଦୈନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼ । ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପୂର୍ବରୁ ସାପ୍ତାହିକ ଟ୍ରେନ ଯୋଗୁ ଯାତାୟତରେ ଅନେକ ଅସୁବିଧା ହେଉଥିଲା । ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଏହି ସେବାକୁ ଦୈନିକ କରିଥିବାରୁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଭାଇଭଉଣୀଙ୍କ ପାଇଁ ନିରାପଦ, ଶସ୍ତା ଓ ଦ୍ରୁତ ଯାତ୍ରାର ସୁବିଧା ପ୍ରଦାନ କରିବ । ଏହାଦ୍ୱାରା ଗୁଜୁରାଟ ସହ ଓଡିଶାର ସମ୍ପର୍କ ଆହୁରି ନିବିଡ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ୍ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁର ସହରକୁ 'ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ରେଳ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଅତୀତରେ ସୁରଟ ଠାରେ ଗୋଟିଏ ସଭାରେ ଯୋଗଦେଇଥିବା ଅବସରରେ ସୁରଟରୁ ବ୍ରହ୍ମପୁର ଯାଏ ନିୟମିତ ରେଳ ଚଳାଚଳ ପାଇ ଯେଉଁ ଅନୁରୋଧ କରାଯାଇଥିଲା, ଆଜି ତାହା ପୂରଣ କରାଯାଇଛି । ବର୍ତ୍ତମାନ ସମୟର Latest Technology ର ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ । ସେ ଆହୁରି ଘୋଷଣା କରିଥିଲେ ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ।

# ହଜିଯାଇଥିବା ଭେନିଟ ବ୍ୟାଗ ଫେରାଇଲା ପୋଲିସ

**ବ୍ରହ୍ମପୁର :** ଆଜି ଟାଉନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅମିତ୍ କୁମାର ବିଷୋୟୀ ଘରକୁ ଯାଉଥିବା ବେଳେ କାଲୁ ପଦର ସାହି ଠାରେ ଗୋଟିଏ ଭେନିଟ ବ୍ୟାଗ ପାଇଥିଲେ । ସେଠାରେ ହୋମଗାର୍ଡ ଜଣକ କାହାର ଭେନିଟ ବ୍ୟାଗ ପଚାରିବା ପରେ ମଧ୍ୟ କେହି ଜାଣିନଥିବା କହିଥିଲେ । ହୋମଗାର୍ଡ ଅମିତ୍ ତୁରନ୍ତ ବଡ଼ ବଜାର ଥାନାକୁ ମିଳିଥିବା ଭେନିଟ ବ୍ୟାଗକୁ ନେଇ ପହଞ୍ଚିଲେ । ଥାନାରେ ଆଜି ଡିସିଓ ଥିବା ଏଏସଆଇ ସୁନିଲ କୁମାର ପରିଡ଼ା ଉକ୍ତ ବ୍ୟାଗକୁ ଯାଞ୍ଚ କରି ପ୍ରକୃତ ମାଲିକଙ୍କୁ ଯୋଗଯୋଗ କରି ଥାନାକୁ ଡାକି ହଜିହାଇଥିବା ଭେନିଟଙ୍କୁ



ହସ୍ତାନ୍ତର କରିଥିଲେ । ଭଞ୍ଜନଗର କୁଲାଡ଼ ଗ୍ରାମର ସଂଯୁକ୍ତା କୁମାରୀ ପାତ୍ର ନିଜ ସ୍ୱାମୀ ସହ କୌଣସି କାମରେ ବ୍ରହ୍ମପୁର ଆସିଥିବା ବେଳେ ବଡ଼ ବଜାର ଥାନା ଅନ୍ତର୍ଗତ କାଲୁ ପଦର ସାହିଠାରେ ତାଙ୍କର ଅସାବଧାନତା ହେତୁ ଭେନିଟ ବ୍ୟାଗଟି ପଡିଯାଇଥିଲା । ଘଟଣା ସ୍ଥଳରୁ କିଛି ଦୂରକୁ ଯିବା ପରେ ତାଙ୍କର ଭେନିଟ ବ୍ୟାଗଟି ପଡ଼ିଯାଇଥିବା ଜାଣିବାକୁ ପାଇଥିଲେ । ସେମାନେ ବିଭିନ୍ନ ସ୍ଥାନରେ ନିଜର ହଜିଯାଇଥିବା ଭେନିଟ ବ୍ୟାଗକୁ ଖୋଜାଖୋଜି କରୁଥିବା ବେଳେ ବଡ଼ ବଜାର ଥାନା ପୁଲିସ ସେମାନଙ୍କୁ ଯୋଗଯୋଗ କରି ଥାନାକୁ ଆସିବାକୁ କହିଥିଲେ । ଥାନାରେ ଉକ୍ତ ବ୍ୟାଗ ଯାଞ୍ଚ ବେଳେ ସେଥିରେ ୮ହଜାର ଟଙ୍କା, ସୁନାର କାନର, କିଛି ପ୍ରମାଣପତ୍ର ଓ ମୋବାଇଲ ରହିଥିଲା । ହୋମଗାର୍ଡ ନିଜର ମାନବିକତା ଦେଖାଇ ମିଳିଥିବା ଭେନିଟ ବ୍ୟାଗକୁ ପ୍ରକୃତ ମାଲିକଙ୍କୁ ଫେରାଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟୁଛି ।

# ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ




**ବ୍ରହ୍ମପୁର :** ରୟାଲ କଲେଜ ଅଫ୍ ଫାର୍ମାସି ଆଣ୍ଡ ହେଲେଥ ସାଇନସ୍ସେସ୍ (ଆର.ସି.ପି.ଏଚ୍.ଏସ୍), ବ୍ରହ୍ମପୁର ପକ୍ଷରୁ ଇଣ୍ଡିଆନ୍ ଫାର୍ମାସି ଗ୍ରାଜୁଏଟ୍ସ ଆସୋସିଏସନ୍ (ଆଇପିଜିଏ), ଓଡ଼ିଶା ରାଜ୍ୟ ଶାଖାର ସହଯୋଗରେ 'ଶିକ୍ଷାଦାନ ପଦ୍ଧତି, ଗବେଷଣାର ମୌଳିକ ଓ ଉନ୍ନତ ଦିଗ ଏବଂ ଫାର୍ମାସିରେ କୃତ୍ରିମ ବୁଦ୍ଧିମତ୍ତା (ଇଓ)ର ପ୍ରୟୋଗ' ଶୀର୍ଷକ ଉପରେ ଏକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି)ର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଫାର୍ମାସି ଶିକ୍ଷକମାନଙ୍କର ଶୈକ୍ଷିକ, ଗବେଷଣା ଓ ବୈଷୟିକ ଦକ୍ଷତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପାଣି, ଡ଼. ସୁଦର୍ଶନ ବିଶ୍ୱାଳ (ଆଇପିଜିଏର ଜାତୀୟ ଯୁଗ୍ମ ସମ୍ପାଦକ), ଶ୍ରୀ ସାକା ଶ୍ରୀକାନ୍ତ (ଆରଇଆରଏସ୍ ସମ୍ପାଦକ), ପ୍ରଫେସର ଏନ୍. ଉଷା ରାଣୀ (ଅଧକ୍ଷା ଓ ସଂଯୋଜିକା, ଆରସିପିଏଚ୍ଏସ୍), ପ୍ରଫେସର ଅଞ୍ଜନ କୁମାର ମହାପାତ୍ର (ଆୟୋଜନ ସମ୍ପାଦକ), ଡ଼. ଲଳିତ କୁମାର ସାହୁ (ସଭାପତି, ଆଇପିଜିଏ ଓଡ଼ିଶା ରାଜ୍ୟ ଶାଖା), ଖଲ୍ଲିକୋଟ ୟୁନିଟାରି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି (ମୁଖ୍ୟ ଅତିଥି) ଏବଂ ଆରଇଆରଏସ୍‌ର ଅଧକ୍ଷ ଡ଼. ଟି. ପ୍ରକାଶ ରାଓ ମଞ୍ଚାସୀନ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ନବୀନ ଶିକ୍ଷାଦାନ ପଦ୍ଧତି, ଗୁଣାତ୍ମକ ଗବେଷଣା ଏବଂ ଫାର୍ମାସି ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବୃଦ୍ଧିଶୀଳ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱାଗତ ଭାଷଣରେ କଲେଜର ଅଧକ୍ଷା ତଥା ପ୍ରଫେସର ଏନ୍. ଉଷା ରାଣୀ କହିଥିଲେ ଯେ, ଅନୁଷ୍ଠାନ ସର୍ବଦା ଶୈକ୍ଷିକ ଉତ୍କର୍ଷତା ଓ ଅଧ୍ୟାପକଙ୍କ ଦକ୍ଷତା ବିକାଶ ପାଇଁ ପ୍ରତିବଦ୍ଧ । ଆୟୋଜନ ସମ୍ପାଦକ ପ୍ରଫେସର ଦେଶର ବିଭିନ୍ନ ପ୍ରଖ୍ୟାତ ଶିକ୍ଷାବିତ୍ ଓ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା ବିଶେଷ ବକ୍ତୃତା, ବ୍ୟବହାରିକ କର୍ମଶାଳା, ଆଲୋଚନାଚକ୍ର ଓ ଗବେଷଣାଭିତ୍ତିକ ଅଧିବେଶନ ଆୟୋଜିତ ହେବ । ସଭାପତିଙ୍କ ଅଭିଭାଷଣରେ ଡ଼. ଟି. ପ୍ରକାଶ ରାଓ ଅଧ୍ୟାପକମାନଙ୍କୁ ନୂତନ ପ୍ରଯୁକ୍ତିକୁ ଆପଣାଇବା ସହ ଫାର୍ମାସି ଶିକ୍ଷାର ପରିବର୍ତ୍ତିତ ଆବଶ୍ୟକତା ପୂରଣ ପାଇଁ ସହଯୋଗାତ୍ମକ ଗବେଷଣାକୁ ପ୍ରୋତ୍ସାହିତ କରିଥଲେ । ଓଡିଶା ସମେତ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ଫାର୍ମାସି ଶିକ୍ଷନୁଷ୍ଠାନର ଅଧ୍ୟାପକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଶେଷରେ ଧନ୍ୟବାଦ ଅର୍ପଣ ସହ ଉଦଘାଟନୀ ଅଧିବେଶନକୁ ସମାପ୍ତ କରାଯାଇଥିଲା ।

# ଏକସପ୍ତାହ ବ୍ୟାପୀ ବନମହୋତ୍ସବ ପାଳନର ଷଷ୍ଠ ଦିନ

**ବ୍ରହ୍ମପୁର :** ଆଜି ତା ୬.୭.୨୦୨୬ରିଖ ସକାଳ ୯ ଘଣ୍ଟା ସମୟରେ ବ୍ରହ୍ମାପଲ୍ଲି ସ୍ଥିତ ଆନନ୍ଦ ବିହାର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବୃକ୍ଷ ପ୍ରେମୀ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଆନନ୍ଦ ବିହାର ଡେଭଲପମେଣ୍ଟ କମିଟି ସଭାପତି ଶ୍ରୀ ସୁଶାନ୍ତ କୁମାର ନନ୍ଦ, ସମ୍ପାଦକ ବାଳକୃଷ୍ଣ ଚୌଧୁରୀ, ସହ ସମ୍ପାଦକ ସଚ୍ଚିଦାନନ୍ଦ ପତି, ଜଗନ୍ନାଥ ପ୍ରଧାନ, ଧର୍ମବୀର ପ୍ରଧାନ, ରାଧେଶ୍ୟାମ ସାହୁ, ଅନିଲ କୁମାର ବେହେରା, ଏଲ ଲାଚମେୟା ରେଡ୍ଡୀ, ଠାକୁର ପ୍ରସାଦ ପାତ୍ର, ସିମାଞ୍ଚଳ ମହାକୁଡ଼, ଦିଲ୍ଲୀପ ବାଡତ୍ୟା, ଦୁଃଖିଶ୍ୟମ ପ୍ରଧାନ,କୃଷ୍ଣ ଚନ୍ଦ୍ର ପାଢ଼ୀ,ଅଜିତ ସାମଲ, ଏବଂ ସମସ୍ତ ବୃକ୍ଷ ପ୍ରେମୀ ସୀମାଞ୍ଚଳ ବେହେରା,ପଙ୍କଜ ସାବତ ସତ୍ୟଜିତ ମହାରଣା,କୈଳାସ ପଟ୍ଟନାୟକ ଜନାର୍ଦ୍ଦନ ପାତ୍ର ଋଷିକେଶ, ସୁରଜିତ, ସୁରତ ପଟ୍ଟନାୟକ, ମୋନୋଜ ରାଉଳ,ପ୍ରଭାକର, ବୀଟୁ ଦଳେଇ, ଶଙ୍କର ବେହେରା,ଐ ରାମାରାଓ, ଅରୁଣ ମିଶ୍ର, ଜୀତେନ୍ଦ୍ର ପଟ୍ଟନାୟକ,ନାଗେଶ୍ୱର ରାଓ ଦୋରା, ଏବଂ ସମସ୍ତ ଅଞ୍ଚଳ ବସି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ ।



# ୧୮ରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଲୋକ ଅଦାଲତ

## ଏନ୍.ଆଇ. ଆକ୍ଟ, ୧୮୮୧ ମାମଲାର ସହଜ ଓ ଶୀଘ୍ର ସମାଧାନର ସୁବର୍ଣ୍ଣ ସୁଯୋଗ


**ବ୍ରହ୍ମପୁର :** ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମଙ୍କ ପକ୍ଷରୁ ଆସନ୍ତା ୧୮ ଜୁଲାଇ ୨୦୨୬ (ଶନିବାର) ଦିନ ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ପରକ୍ରାମ୍ୟ ଦଲିଲ ଆଇନ, ୧୮୮୧ (Negotiable Instruments Act, 1881) ଅନ୍ତର୍ଗତ, ବିଶେଷତଃ ଚେକ୍ ବାଉନ୍ସ (Cheque Bounce) ସମ୍ବନ୍ଧୀୟ ମାମଲାଗୁଡ଼ିକର ଆପୋଷ ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ (Special Lok Adalat) ଆୟୋଜନ କରାଯାଉଛି । ଏହି ସ୍ୱତନ୍ତ୍ର ଲୋକ ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ଏନ୍.ଆଇ. ଆକ୍ଟ ଅଧୀନ ମାମଲାଗୁଡ଼ିକର ପରସ୍ପର ଆଲୋଚନା, ଆପୋଷ ବୁଝାମଣା ଓ ସହମତି ମାଧ୍ୟମରେ ଶୀଘ୍ର, ସରଳ ଓ ସ୍ଥାୟୀ ସମାଧାନ କରିବା । ଏହାଦ୍ୱାରା ମାମଲାକାରୀମାନେ ଦୀର୍ଘ ନ୍ୟାୟିକ ପ୍ରକ୍ରିୟା, ଅଧିକ ଖର୍ଚ୍ଚ ଓ ସମୟରୁ ମୁକ୍ତି ପାଇବା ସହିତ ପାରସ୍ପରିକ ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବେ । ଲୋକ ଅଦାଲତରେ ହୋଇଥିବା ଆପୋଷ ସମାଧାନକୁ ଆଇନଗତ ସ୍ୱୀକୃତି ମିଳିଥାଏ ଏବଂ ଏହାର ରାୟ ଏକ ସାଧାରଣ ସିଭିଲ କୋର୍ଟର ଡିକ୍ରି ସହ ସମାନ ଭାବରେ ବଳବତ୍ତର ହୋଇଥାଏ । ଏହି ନିଷ୍ପତ୍ତି ବିରୋଧରେ ସାଧାରଣତଃ କୌଣସି ଅପିଲର ସୁଯୋଗ ନଥିବାରୁ ଉଭୟ ପକ୍ଷ ଶୀଘ୍ର ଓ ଚୂଡ଼ାନ୍ତ ସମାଧାନ ପାଇପାରନ୍ତି । ତଦୁପରି, ଲୋକ ଅଦାଲତରେ ସମାଧାନ ହୋଇଥିବା ମାମଲାରେ ଆଇନ ଅନୁଯାୟୀ କୋର୍ଟ ଫି ଫେରସ୍ତ ପାଇବାର ମଧ୍ୟ ବ୍ୟବସ୍ଥା ରହିଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ଏନ୍.ଆଇ. ଆକ୍ଟ, ୧୮୮୧ ଅନ୍ତର୍ଗତ ମାମଲାରେ ସମ୍ପୃକ୍ତ ମାମଲାକାରୀ, ଅଭିଯୁକ୍ତ, ଅଧିବକ୍ତା, ବ୍ୟାଙ୍କ ଅଧିକାରୀ ଏବଂ ସମସ୍ତ ସଂପୃକ୍ତ ପକ୍ଷଙ୍କୁ ଏହି ସ୍ୱତନ୍ତ୍ର ଲୋକ ଅଦାଲତର ସୁଯୋଗର ସଦ୍ ?ବ୍ୟବହାର କରି ପରସ୍ପର ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରିବାକୁ ଅନୁରୋଧ କରାଯାଇଛି । ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଶୀଘ୍ର ସମାଧାନ ନ୍ୟାୟାଳୟର ମାମଲା ଭାର ହ୍ରାସ କରିବା ସହିତ ସାଧାରଣ ଲୋକଙ୍କୁ ସୁଲଭ, ସୁଗମ ଓ ଶୀଘ୍ର ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ଡିଏଲଏସଏ, ଗଞ୍ଜାମ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ଆଗେଇ ଆସି ଲୋକ ଅଦାଲତ ମାଧ୍ୟମରେ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ଆହ୍ୱାନ ଜଣାଇଛି ।

# ସହଦେବଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ର ଓ ମ୍ୟୁନିସିପାଲ୍ ହାଇସ୍କୁଲ୍ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବାଲେଶ୍ୱର :** ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଶିକ୍ଷକ ଅଭାବ ଦୂର କରିବା ଦାବିରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ପାଚେରୀ ଭାଙ୍ଗିଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଏହାର ମରାମତି କାର୍ଯ୍ୟ ହୋଇପାରୁନାହିଁ । ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରହିଥିବା ବେଆଇନ ଜବରଦଖଲ ଯୋଗୁଁ ପ୍ରାଚୀର ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ସହ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହନ ଯାତାୟାତରେ ଅସୁବିଧା ହେଉଛି । ଏହି ଜବରଦଖଲ ଉଚ୍ଛେଦ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଦାବି କରାଯାଇଛି ।ସେହିପରି ବାଲେଶ୍ୱର ମ୍ୟୁନିସିପାଲ୍ ହାଇସ୍କୁଲ୍ ?ରେ ଦୁଇଜଣ ଶିକ୍ଷକଙ୍କ ବଦଳି ଏବଂ ଦୁଇଜଣଙ୍କ ଅବସର ପରେ ମୋଟ ୪ଟି ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ବ୍ୟାହତ ହେଉଛି । ଶିକ୍ଷକ ଅଭାବ କାରଣରୁ ଗୋଟିଏ ଶ୍ରେଣୀଗୃହରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଏକାଠି ପାଠପଢ଼ା କରିବାକୁ ପଡୁଥିବାରୁ ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ଦାବି କରାଯାଇଛି । ସ୍ଥାନୀୟ କାଉନ୍ସିଲରଙ୍କ ସମେତ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉଭୟ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି ଜଣାଇଛନ୍ତି ।

# ଲେଫ୍ରିପଡ଼ା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ବଣାଇଁ :** ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌରଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୬୩ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୩୫ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୮ଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୧୨ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ୧୨ ଜଣ ବ୍ୟକ୍ତି ଆବେଦନ କରିଥିଲେ । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପଜିଲ୍ଲାପାଳ ସଦର ତେଜସ୍ୱୀନି ବେହେରା ,ସିଡିଏମ୍ ଓ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି , ଗୋଷ୍ଠି ଉନ୍ନୟନ ଅଧିକାରୀ ଅତସୀ ପରିଡ଼ା ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଗାନ୍ଧୀଛକ ଠାରେ ସ୍ଥାପିତ ଏଲ.ଇ.ଡ଼ି ଟିଭି ବିପର୍ଯ୍ୟସ୍ତ ଅବସ୍ଥା ଅବସ୍ଥିତ




**କୋଟପାଡ :** କୋଟପାଡ଼ ଅଞ୍ଚଳର ହାର୍ଟ ଅଫ ଦା ପିସ ହେଉଛି ଗାନ୍ଧୀ ଛକ, ଆପଣମାନେ ଦେଖିଥିବେ ସହରର ଗାନ୍ଧୀଛକ ନିକଟରେ କୋଟପାଡ଼ ଏନ.ଏ.ସି ଓ ପ୍ରଶାସନ ପକ୍ଷରୁ ସ୍ଥାପିତ କରାଯାଇଥିଲା ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ହୋଇଥିଲା ଏଲ.ଇ.ଡ଼ି ସ୍କିନ ଟିଭି, ପ୍ରାୟ ୨ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି, ଏହି ଏଲ.ଇ.ଡ଼ି ସ୍କିନ ଟିଭି ସ୍ଥାପନ ହୋଇଛି ସତ କିନ୍ତୁ କୌଣସି ସରକାରୀ କାର୍ଯ୍ୟରେ ଆଉ ଉପକୃତ ହେଉନାହିଁ, ବିଗତ ଦିନରେ କୋଟପାଡ଼ ଅଞ୍ଚଳର ପ୍ରସିଦ୍ଧ ଘଟଯାତ୍ରା ଅନୁଷ୍ଠିତ ହୋଇଥିଲା କିନ୍ତୁ ସେତେବେଳେ ମଧ୍ୟ ଏହି ଏଲ.ଇ.ଡ଼ି ସ୍କିନ ଟିଭିର ମରାମତି ପାଇଁ କୌଣସି ପଦକ୍ଷେପ ମଧ୍ୟ ନିଆଯାଇନଥିଲା, ବର୍ତମାନ ପରିସ୍ଥିତିରେ ସ୍ୱତନ୍ତ୍ର କରି କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି, କୋଟପାଡ଼ ଅଞ୍ଚଳ ବାସୀଙ୍କ କହିବା ଅନୁସାରେ ଏହି ଏଲ.ଇ.ଡ଼ି ସ୍କିନ ଟିଭି ମାଧ୍ୟମରେ ସରକାରୀ ସୂଚନା,ସାମାଜିକ ବାର୍ତ୍ତା ଓ ବିଭିନ୍ନ ଜନହିତକର, ସଚେତନତା ବାର୍ତ୍ତା, କ୍ରିକେଟ ମ୍ୟାଚ ପ୍ରସାରଣ କରାଯିବାର ଉଦେଶ୍ୟ ଥିଲା ଓ ଅଞ୍ଚଳ ବାସୀ ଉପକୃତ ମଧ୍ୟ ହେଉଥିଲେ କିନ୍ତୁ ଦୀର୍ଘଦିନ ଧରି ଏହା ଅଚଳ ଥିବାରୁ ସମସ୍ତ ଜନସାଧାରଣ ମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି,ଏହି ପ୍ରସଙ୍ଗରେ କୋଟପାଡ଼ର ବୁଦ୍ଧିଜିବି ମାନଙ୍କ କହିବା ଅନୁଯାଇ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ସ୍ଥାପିତ ହୋଇଥିବା ଏହି ଏଲ.ଇ.ଡ଼ି ସ୍କିନ ଟିଭି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ କରୁଥିବାର ଦେଖିବାକୁ ମିଳିଛି, ବିଶେଷ କରି ଆଗକୁ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ଏହି ବିପର୍ଯ୍ୟସ୍ତ ଥିବା ଏଲ.ଇ.ଡ଼ି ସ୍କିନ ଟିଭି ମରାମତି କରିବା ସହିତ କାର୍ଯ୍ୟକ୍ଷମ ହେଲେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳବାସୀ ଜନସାଧାରଣମାନେ ଉପକୃତ ହେଇଥାନ୍ତେ ବୋଲି ବିଭିନ୍ନ ବୁଦ୍ଧିଜିବି ମୋହଲରେ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳିଛି ଓ ସେମାନେ ପ୍ରଶାସନକୁ ମଧ୍ୟ ଅନୁରୋଧ କରିଥିବାର ନଜର ଆସିଥିଲା ।

# ସ୍ମଶାନ ଜବର ଦଖଲ ଉଚ୍ଛେଦ ଦାବିରେ ଆମରଣ ଅନଶନ



**ବସ୍ତା :** ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡ଼ିଆ ଗ୍ରାମର ସରକାରୀ ସ୍ମଶାନ ଜମିରୁ ଜବର ଦଖଲ ଉଚ୍ଛେଦ ଦାବିରେ ଆରମ୍ଭ ହୋଇଥିବା ଆମରଣ ଅନଶନ ଦୁଇଘଣ୍ଟା ପରେ ଭଙ୍ଗ ହୋଇଛି। ବସ୍ତା ତହସିଲଦାରଙ୍କ ପ୍ରତିଶୃତି ପରେ ଅନଶନକାରୀମାନେ ଜୁସ୍ ପିଇ ଅନଶନ ଭଙ୍ଗ କରିଛନ୍ତି।ଆଜି ସକାଳ ୧୦ଟା ରୁ ଗ୍ରାମର ସୁବର୍ଣ୍ଣ ଦାସ, ଝାଡ଼େଶ୍ୱର ପ୍ରଧାନ, ଅନନ୍ତ ଅଣ୍ଡିଆ, ପୂର୍ଣଚନ୍ଦ୍ର ପ୍ରଧାନ, ରମାକାନ୍ତ ଜେନା, ପ୍ରଦୀପ ପ୍ରଧାନ, ସୁଦର୍ଶନ ସାହୁ, ପ୍ରତାପ ସାହୁ, ସୁଶାନ୍ତ ଦେ, ଟୁକୁ ବିନ୍ଧାଣି ସହ ବହୁ ଗ୍ରାମବାସୀ ଅନଶନ ରେ ବସିଥିବାବେଳେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା,ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଉପସଭାପତି ରବୀନ୍ଦ୍ର ଦାସ,ବ୍ଲକ ସାଧାରଣ ସମ୍ପାଦକ ମଦନ ଭକ୍ତା,ଅଞ୍ଜଳି ପ୍ରଧାନ,ଗୌରୀଶଙ୍କର ଜେନାଙ୍କ ସହ ବହୁ କଂଗ୍ରେସ କର୍ମୀ ଅନଶନକାରୀଙ୍କ ସହ ଭେଟି ଆଲୋଚନା କରି ଅନଶନରେ ସାମିଲ ହୋଇଥିଲେ।ଉଚ୍ଚ ନ୍ୟାୟାଳୟ ଗତ ୨୦୨୫ ମାର୍ଚ୍ଚ ୫ ତାରିଖ ଓ ବାଲେଶ୍ୱର ଜିଲ୍ଲାପାଳ ଚଳିତ ବର୍ଷ ଜୁନ ୬ ତାରିଖରେ ସ୍ମଶାନ ଜମିକୁ ମୁକ୍ତ କରିବାକୁ ନିର୍ଦେଶ ଦେଇଥିଲେ ବି ପ୍ରଶାସନ ପଦକ୍ଷେପ ନେଉନଥିବା ସେମାନଙ୍କ ଅଭିଯୋଗ ଥିଲା। ଆଜି ଅପରାହ୍ନ ୧୨ଟା ରେ ବସ୍ତା ତହସିଲଦାର ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରି, ଯୁସ ପିଆଇ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆସନ୍ତା ୧୦ ତାରିଖରେ ପୋଲିସ ଫୋର୍ସ ସହ ମିଶି ସ୍ମଶାନ ଜମିରୁ ସମସ୍ତ ଜବର ଦଖଲ ଉଚ୍ଛେଦ କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ନିଆସରିଛି। ଅନଶନରେ ନେତୃତ୍ୱ ନେଇଥିବା ଗ୍ରାମର ସୁବର୍ଣ୍ଣ ଦାସ କହିଲେ, ଆମେ ତହସିଲଦାରଙ୍କ ପ୍ରତିଶୃତିକୁ ସମ୍ମାନ ଦେଇ ଅନଶନ ଭଙ୍ଗ କଲୁ। ଯଦି ଆସନ୍ତା ୧୦ ତାରିଖ ଦିନ ଉଚ୍ଛେଦ ନହୁଏ, ତେବେ ଆମେ ପୁଣି ଆନ୍ଦୋଳନକୁ ତୀବ୍ର କରିବୁ। ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ଗତ ୩ ତାରିଖ ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା ମାତ୍ର ଆବଶ୍ୟକ ପୋଲିସ ବଳ ନଥିବାରୁ ଉଚ୍ଛେଦ ହୋଇପାରିନଥିଲା ଏବେ ସମସ୍ତ ପ୍ରକ୍ରିୟା ସରିଛି। ଆସନ୍ତା ୧୦ତାରିଖରେ ଉଚ୍ଛେଦ କରାଯିବ। ଅନଶନ ଭଙ୍ଗ ହେବା ପରେ ଗାଁରେ ସ୍ଥିତି ସ୍ୱାଭାବିକ ରହିଛି। ତେବେ ଗ୍ରାମବାସୀମାନେ ପ୍ରଶାସନର ପଦକ୍ଷେପ ଉପରେ କଡା ନଜର ରଖିଥିବା କହିଛନ୍ତି।

# କୋରକରାରେ ଜନ ଅଭିଯୋଗ ଶୁଣାଣି ଶିବିର ସଫଳ

- ବାସଘର ସମସ୍ୟାକୁ ନେଇ ସର୍ବାଧିକ ଅଭିଯୋଗ
- ୫୮ ଆବେଦନର ତୁରନ୍ତ ସମାଧାନ



**ଫୁଲନଖରା :** ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବାରଙ୍ଗ ବ୍ଲକ ଅନ୍ତର୍ଗତ କୋରକରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗ୍ରାମବାସୀମାନେ ବିଭିନ୍ନ ସରକାରୀ ଯୋଜନା, ମୌଳିକ ସୁବିଧା ଏବଂ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ମୋଟ ୭୮ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଠାଯାଇଛି। ଶିବିରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବା ସହିତ ତୁରନ୍ତ ସମାଧାନ ଯୋଗ୍ୟ ପ୍ରସଙ୍ଗରେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନରେ ପ୍ରଶାସନ ସର୍ବଦା ତତ୍ପର ରହିବ ବୋଲି ସେ କହିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ସିଡିପିଓ ସଂଯୁକ୍ତା ମହାରଣା, ବିଏସଏସଓ ସ୍ମୀତରାଣୀ ସାହୁ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ବିପିସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ଏଡିଇଓ ରୁକ୍ମିଣୀ ପଣ୍ଡା, ପ୍ରିୟଦର୍ଶିନୀ ଆନିଲ, କିରଣ ସାହୁ, ଏସିପି ପବିତ୍ର ମୂଳିଆ, କୋରକରା ସରପଞ୍ଚ ଅଶୋକ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ ଓ ଶୁଣାଣି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିଥିଲେ। ଶିବିରରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଅଧିକାଂଶ ବାସଘର ଯୋଜନା, ରାସନ କାର୍ଡ, ପେନ୍ସନ, ପାନୀୟ ଜଳ, ରାସ୍ତାଘାଟ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧୀୟ ଥିଲା। ସମ୍ପୃକ୍ତ ଅଧିକାରୀମାନେ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ବିଚାର କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ ପାଇଁ ଆଶ୍ୱାସନ ଦେଇଥିଲେ। ଗ୍ରାମସ୍ତରରେ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ଦ୍ୱାରା ସାଧାରଣ ଲୋକମାନେ ସିଧାସଳଖ ପ୍ରଶାସନ ସହ ଯୋଗାଯୋଗ କରି ନିଜ ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଉଥିବାବେଳେ, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ଅଧିକ ସୁଦୃଢ଼ ହେଉଥିବା ମତ ପ୍ରକାଶ ପାଇଛି।


## କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ,କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁଜୁରାଣ ସହାୟତାପ୍ରଦାନ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ ଖୁବଶୀଘ୍ର କାର୍ଯ୍ୟଆରମ୍ଭ ହେବାକୁ ଯାଉଛି।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ , ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା , ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ଗୁଡିକ ସୂଚାରୁରୂପେ କାର୍ଯ୍ୟ କରୁଛି।

ଅରବିନ୍ଦ ସାହୁ
ସଂପାଦକ
ମୋ.- ୯୧୨୪୨୫୪୪୧୯

ପ୍ରମୋଦ ସାହୁ
ସଭାପତି
ମୋ.- ୯୧୨୪୨୫୪୪୧୮


# ବିକାଶ ପଥେ ସଢ଼ା ଗ୍ରାମପଞ୍ଚାୟତ

- ପଞ୍ଚାୟତକୁ ସବୁଜିମା ଭରା ରଖିବା ପାଇଁ କରାଯାଇଛି ଚାରାରୋପଣ
- ଘରେ ପହଞ୍ଚି ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳାଙ୍କୁ ବାଣ୍ଟୁଛନ୍ତି ଭତ୍ତା
- ଗାଁ ଗାଁ ରେ ଖୋଲାଯାଇଛି ଜଳଛତ୍ର



**ହାଟଡିହି :** ପଞ୍ଚାୟତ ହେଉଛି ଗ୍ରାମାଞ୍ଚଳ ର ବିକାଶର ମୂଳଦୁଆ।ଗ୍ରାମାଞ୍ଚଳ ର ବିକାଶ ହେଲେ ଦେଶର ବିକାଶ ହୋଇଥାଏ।ସରକାରୀ ଯୋଜନାରୁ ସିଧାସଳଖ ଗାଁ ରେ ପହଞ୍ଚାଇବା, ମୌଳିକ ସୁବିଧା ଯୋଗାଇଦେବା ଏବଂ ଗ୍ରାମାଞ୍ଚଳ ର ସାମଗ୍ରିକ ଅଭିବୃଦ୍ଧି ରେ ପଞ୍ଚାୟତ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ସଢ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ସାଗରିକା ଜେନା ଙ୍କ ଦୃଢ଼ ନେତୃତ୍ୱ ଓ ସହଯୋଗରେ ଗାଁର ରାସ୍ତାଘାଟ ନିର୍ମାଣ ,ପାନୀୟ ଜଳ ଯୋଗାଣ,ବିଦ୍ୟୁତ୍ କରଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦର୍ୟୋୟ ଗୃହ ଯୋଜନା ରେ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେଇଛନ୍ତି। ସରକାରୀ ଯୋଜନାକୁ ସଫଳ କରାଇବା ଏବଂ ଗ୍ରାମାଞ୍ଚଳ ର ଭିତ୍ତିଭୂମିକୁ ମଜଭୁତ୍ କରିବାରେ ସରପଞ୍ଚଙ୍କ ଭୂମିକା ଅତୁଳନୀୟ। ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ଏସ ଏସ ଜି ଗ୍ରୁପ ର ମହିଳାମାନଙ୍କୁ ସ୍ୱଭବଲମ୍ବି କରିବା ସହ ଗାଁ କୁ ପରିଷ୍କାର ରଖିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି। ପଞ୍ଚାୟତକୁ ସବୁଜିମା ଭରା ରଖିବା ପାଇଁ ଚାରାରୋପଣ ମଧ୍ୟ କରାଯାଇଛି। ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳା ମାନଙ୍କୁ ଗାଁ ଗାଁ ବୁଲି ହିତାଧୀକାରୀ ଙ୍କ ଘର ପାଖରେ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି ସରପଞ୍ଚ ସାଗରିକା ଜେନା। ପଞ୍ଚାୟତ ରେ ସ୍ୱଚ୍ଛ ଭାରତ ମିଶନ ଓ ପରିମଳ ବ୍ୟବସ୍ଥା କୁ ସୁଦୃଢ଼ କରିଛନ୍ତି।ଗାଁ ପରିମଳ ପୋଖରୀ ତୁଠ ରୁ ବାସିଥାଏ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ର ସଢ଼ା ପଞ୍ଚାୟତ ରେ।

# ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ୪୦ ବୃଦ୍ଧଙ୍କୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ



**ବାଲେଶ୍ୱର :** ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା ବୃଦ୍ଧାଶ୍ରମର ୪୦ ଜଣ ଅନ୍ତେବାସୀଙ୍କୁ ଭଦ୍ରକ ଜିଲ୍ଲାର ଆରଡ଼ିସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପବିତ୍ର ଦର୍ଶନ କରାଯାଇଛି। ସମାଜସେବା ଓ ବୃଦ୍ଧମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ ଯାତ୍ରାରେ ସମସ୍ତ ବୃଦ୍ଧଙ୍କ ପାଇଁ ସୁରକ୍ଷିତ ଯାତାୟାତ, ଭୋଜନ, ପାନୀୟ ଜଳ ସମେତ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା।ଦର୍ଶନ ପରେ ବୃଦ୍ଧମାନଙ୍କ ସହ ସଂସ୍ଥାର ସଦସ୍ୟମାନେ ଆତ୍ମୀୟତାର ସହ ସମୟ ବିତାଇଥିଲେ। ଏହି ଯାତ୍ରା ବୃଦ୍ଧମାନଙ୍କ ମନରେ ଆନନ୍ଦ ଓ ଆଧ୍ୟାତ୍ମିକ ଶାନ୍ତି ସୃଷ୍ଟି କରିଥିବା ଜଣାପଡ଼ିଛି।କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମୃତଧାରା ବୃଦ୍ଧାଶ୍ରମର ପ୍ରତିଷ୍ଠାତା ଡ଼. ସରୋଜ କୁମାର ମହାପାତ୍ର ଓ ତାଙ୍କ ଦଳର ସହଯୋଗ ଉଲ୍ଲେଖନୀୟ ଥିଲା। ସଂସ୍ଥା ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଏସ୍. ଗୀତାଞ୍ଜଳି କହିଛନ୍ତି, ବୃଦ୍ଧମାନଙ୍କୁ ସମ୍ମାନ, ସ୍ନେହ ଓ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ବୃଦ୍ଧ, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କ ପାଇଁ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।


ବହିଟିଏ, ଭଲ ବନ୍ଧୁଟିଏ

ଲକ୍ଷ୍ମୀବରାହ ଯୁବ ପରିଷଦ ପାଠାଗାର

ପ୍ରତିଷ୍ଠାତା : ପ୍ରମୋଦ କୁମାର ଦାସ
ହାତୀନା, ରାଜନଗର, କେନ୍ଦ୍ରାପଡ଼ା


# ଜିଲ୍ଲାପାଳ-ଏସ୍‌ପିଙ୍କ ମିଳିତ ଜନଶୁଣାଣି

## ୨୧୫ ଅଭିଯୋଗ, ୩୯ ତତ୍କାଳ ସମାଧାନ



**ବାଲେଶ୍ୱର :** ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୨୧୫ ଜଣ ଅଭିଯୋଗକାରୀ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ।ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୧୭୪ଟି ବ୍ୟକ୍ତିଗତ, ୧୦ଟି ସାମୂହିକ ଅଭିଯୋଗ ଥିବାବେଳେ ୩୧ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଆବେଦନ ଥିଲା। ସମସ୍ତ ଅଭିଯୋଗର ଶୁଣାଣୀ କରାଯାଇ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୩୯ଟି ଅଭିଯୋଗର ଘଟଣାସ୍ଥଳରେ ତତ୍କାଳ ସମାଧାନ କରାଯାଇଥିଲା।ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି, ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିକାଶର ବଡ଼ ବଡ଼ ଦାବି, ବାସ୍ତବରେ ମରଣଯନ୍ତା ରାସ୍ତା

# ଆର୍ ଆଣ୍ଡ ବି ବିଭାଗର ଚରମ ଅବହେଳା

## ଲୋକଙ୍କ ଦୁଃଖ ବୁଝିଲେ ଘରୋଇ ବିଲ୍ଡର



**ଫୁଲନଖରା :** କଟକ ଆର୍ ଆଣ୍ଡ ବି ବିଭାଗ ଅଧୀନସ୍ଥ ମହୀଧରପଡ଼ା-ଗୋବିନ୍ଦପୁର ମୁଖ୍ୟ ରାସ୍ତାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଓ ମରଣଯନ୍ତା ପାଲଟିଛି। ବିଶେଷ କରି ତ୍ରିନାଥ ବଜାରରୁ ନଗରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ ହଜାର ହଜାର ଯାତ୍ରୀ, ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଓ ଗାଡ଼ି ଚାଳକ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତାର ଦୁରବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କେବଳ 'ଖୁବ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ, କାମ ଆରମ୍ଭ ହେବ' ବୋଲି ପ୍ରତିଶ୍ରୁତି ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ବାସ୍ତବରେ ସେହି ପ୍ରତିଶ୍ରୁତି କାଗଜକଲମରେ ସୀମିତ ରହିଥିବା ବେଳେ ରାସ୍ତାର ଅବସ୍ଥା ଦିନକୁ ଦିନ ଆହୁରି ଭୟଙ୍କର ହେବାରେ ଲାଗିଛି। ଲୋକଙ୍କ ଜୀବନ ପ୍ରତି ବିଭାଗର ଏଭଳି ଉଦାସୀନ ମନୋଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡାଗର ବଜାର, ଚମାରସାହି ପୋଲ ନିକଟ ଓ ମହୀଧରପଡ଼ା ସ୍କୁଲ ଛକ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରାସ୍ତା ମଝିରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ପାଣିରେ ସେହି ଗର୍ତ୍ତଗୁଡ଼ିକ ଲୁଚି ରହୁଥିବାରୁ ପ୍ରତିଦିନ ଦୁଇଚକିଆ ଓ ଚାରିଚକିଆ ଯାନ ଦୁର୍ଘଟଣାରେ ପଡୁଛି। ଅନେକ ଲୋକ ଆହତ ହେଉଥିବା ସତ୍ତ୍ୱେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଶ୍ଚର୍ଯ୍ୟର କଥା, ଯେଉଁ କାମ ସରକାରୀ ବିଭାଗର କରିବା କଥା, ସେହି କାମକୁ ଏକ ସ୍ଥାନୀୟ ଘରୋଇ ବିଲ୍ଡର ନିଜ ସାମାଜିକ ଦାୟିତ୍ୱବୋଧରୁ ଆଗକୁ ଆସି କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦୁଃଖ ଓ ଅସୁବିଧାକୁ ହୃଦୟଙ୍ଗମ କରି ସେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟ ଆଣି ରାସ୍ତାର ଖାଲଖମା ପୋତି ଅସ୍ଥାୟୀ ଭାବେ ରାସ୍ତାକୁ ଯାତାୟାତ ଉପଯୋଗୀ କରିଛନ୍ତି। ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା, ବାଟୋଇ ଓ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଉଛି। ଅନ୍ୟପଟେ, ରାଜ୍ୟ ସରକାର 'ବିକଶିତ ଓଡ଼ିଶା'ର ସ୍ଲୋଗାନ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଓ ଉତ୍ସବ ପାଳନରେ ବ୍ୟସ୍ତ ଥିବା ବେଳେ ରାଜଧାନୀ ଉପକଣ୍ଠର ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅବହେଳିତ ହୋଇ ପଡ଼ିରହିଛି। ଏହା ସରକାରଙ୍କ ବିକାଶ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ରାସ୍ତାର ଦୁରବସ୍ଥା ନେଇ ବହୁବାର ପ୍ରଶାସନ ଓ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଫଳ ଶୂନ। ଯଦି ଆଗାମୀ ଦିନରେ ଏହି ରାସ୍ତାରେ କୌଣସି ବଡ଼ ଦୁର୍ଘଟଣା ଘଟେ, ତେବେ ତାହା ପାଇଁ ସମ୍ପୂର୍ଣ୍ଣ ଭାବେ କଟକ ଆର୍ ଆଣ୍ଡ ବି ବିଭାଗ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ଦାୟୀ ରହିବେ। ଏବେ ସ୍ଥାନୀୟ ଲୋକଙ୍କ ଦାବି ହେଉଛି, କେବଳ ଆଶ୍ୱାସନ ନୁହେଁ, ଅବିଳମ୍ବେ ଟେଣ୍ଡର ପ୍ରକ୍ରିୟା ଶେଷ କରି ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ରାସ୍ତାର ସ୍ଥାୟୀ ମରାମତି କରାଯାଉ। ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ତୀବ୍ର ହେବା ସହ ଦୁର୍ଘଟଣାର ଦାୟିତ୍ୱରୁ ସରକାର ଓ ବିଭାଗ କେବେ ବି ମୁକ୍ତି ପାଇପାରିବେ ନାହିଁ।

# ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଜୟନ୍ତୀ ପାଳିତ



**ବାଲେଶ୍ୱର :** ସଦର ବ୍ଲକ ଅନ୍ତର୍ଗତ ୱିଜଡମ୍ ଯୁକ୍ତ ଦୁଇ ବିଜ୍ଞାନ କଲେଜ ପରିସରରେ ମୋ ଭାରତ ଯୁବ କେନ୍ଦ୍ର ଓ ଉତ୍କଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲ୍ଲା ଅଧିକାରୀ ଅବନୀକାନ୍ତ ଭୂୟାଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ଼. ମୁଖାର୍ଜୀଙ୍କ ଜୀବନାଦର୍ଶ ଓ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମାଜସେବୀ ଆନନ୍ଦ କୁମାର ବେହେରା ଛାତ୍ରଛାତ୍ରୀଙ୍କୁ ମହାପୁରୁଷଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଓଡ୍ରାଫର ସତ୍ୟପ୍ରକାଶ ପଣ୍ଡା କହିଥିଲେ, ଆଜିର ଛାତ୍ରଛାତ୍ରୀ ହିଁ ଆସନ୍ତାକାଲିର ଦେଶର ଭବିଷ୍ୟତ। ସେମାନେ ଉତ୍ତମ ଆଦର୍ଶରେ ପ୍ରେରିତ ହୋଇ କାର୍ଯ୍ୟ କଲେ ଦେଶ ଉନ୍ନତିର ପଥରେ ଆଗେଇବ। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ ନିର୍ଦ୍ଦେଶକ ନିଗମାନନ୍ଦ ପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗାୟତ୍ରୀ ବାରିକ ଓ ସୁକାନ୍ତି ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିକ୍ରମ ବାରିକ, ଅଭିଜିତ ବେହେରା, ଦୀପଶିଖା ଘଡେଇ, ପ୍ରିୟଙ୍କା ଦାସ, ଆଲୋକ ସିଂହ, ଶୁଭଲକ୍ଷ୍ମୀ ପରିଡ଼ାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଆରା ସମାଜସେବୀ ପ୍ରମୋଦ ସାହୁ



ଭୁବନେଶ୍ୱର : ୧୯୬୫ ମସିହା ଜୁଲାଇ ୧୨ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲା ବଣିଆମାଳ ଗ୍ରାମରେ ଜନ୍ମଲାଭ କରି ନିଆରା ସମାଜାସେବା ପାଇଁ ସାରା ଓଡ଼ିଶାରେ ସୁପରିଚିତ ଥିବା ବ୍ୟକ୍ତିବିଶେଷ ହେଉଛନ୍ତି ପ୍ରମୋଦ କୁମାର ସାହୁ। ଛାତ୍ର ରାଜନୀତିରେ ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ, ଦୀନବନ୍ଧୁ ଆଇନ ମହାବିଦ୍ୟାଳୟ, ଝାଡ଼ଖଣ୍ଡ ରାଜ୍ୟର ରାଜଧାନୀ ରାଞ୍ଚି ସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ ଆଦିରେ ଛାତ୍ର ସଂସଦ ସଭାପତି ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରୁ ତାଙ୍କ ଜୟଯାତ୍ରା ଆରମ୍ଭ ହୁଏ। ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଆଦର୍ଶ ପାଲଟିଥିବା ସେଦିନର ଏହି ଯୁବକ ଆଜି ଘରେଘରେ ପରିଚିତ ନିଜ ଜନହିତକର କାର୍ଯ୍ୟ ପାଇଁ। ଗରିବ, ଅସହାୟ, ରୋଗୀ, ନିଷ୍ପେଷିତ ଯାହାଙ୍କ ସଂପର୍କରେ ସେ ସୂଚନା ପାଆନ୍ତି ସେଠାରେ ତୁରନ୍ତ ପହଞ୍ଚି ଆର୍ଥିକ ସହଯୋଗର ହାତ ବଢ଼ାନ୍ତି ଶ୍ରୀ ସାହୁ। ସେ କେବଳ ସମାଜସେବୀ ନୁହଁନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ ଅପରେଟିଭ୍ ସୋସାଇଟି ଓଡ଼ିଶାର ଅସଂଖ୍ୟ ଆର୍ଥିକ ସ୍ୱଚ୍ଛଳ ନଥିବା ତଥା ନିମ୍ନ ମଧ୍ୟବିତ୍ତ ବ୍ୟବସାୟୀ, ଚାଷୀମାନଙ୍କୁ ଋଣ ପ୍ରଦାନ କରିବା ସହ ସ୍ୱାବଲମ୍ବୀ ହେବାକୁ ସମର୍ଥ କରାନ୍ତି। ଚାଷୀମାନଙ୍କ କଲ୍ୟାଣ ପାଇଁ ଅବିଭକ୍ତ କଟକ ଜିଲ୍ଲାରେ କୃଷକ ବିକାଶ ସମବାୟ ସମିତି ଗଠନ କରିଛନ୍ତି ଶ୍ରୀ ସାହୁ। ଏହି ସମିତି ମାଧ୍ୟମରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରାଯାଏ। ଏତଦ୍ ବ୍ୟତୀତ ଶ୍ରୀ ସାହୁଙ୍କ ସଂପାଦନାରେ ପ୍ରକାଶ ପାଉଥିବା ସାପ୍ତାହିକ ଖବରକାଗଜ 'ଖୋଲାମତ' ଓଡ଼ିଶାର ଅବହେଳିତ ପ୍ରସଙ୍ଗଠୁ ଆରମ୍ଭ କରି ଜନଜୀବନ, ଜନସ୍ୱାର୍ଥ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

# ଗୁଣି ଗାରିଡିକୁ ନେଇ ଆତ୍ମହତ୍ୟା କଲେ ବୋହୂ

**ବସ୍ତା :** ନିମପଦା ଗ୍ରାମ ର ଝଡ଼େଶ୍ୱର ଦାସ ଙ୍କ ଝିଅ ପୂଜା ସହିତ ବୈଦିକ ରୀତି ନୀତି ଅନୁଯାୟୀ ତିନି ବର୍ଷ ତଳେ ବାହାଘର ହୋଇଥିଲା। ବାହାଘର ପରେ ସ୍ୱାମୀ ସ୍ତ୍ରୀ ଭଲ ରେ ଥିବା ବେଳେ ଉଭୟେ ହାଇଦ୍ରାବାଦ ରେ ରହୁଥିଲେ। ତେବେ ସ୍ୱାମୀ ସ୍ତ୍ରୀ କୁ ଆଣି ଘରେ ଛାଡି ଦେଇ ଯିବା ପରେ, ପୂଜାକୁ ଭୁତ ଲାଗିଥିବା କହି, ଶାଶୁ, ଶ୍ୱଶୁର, ନଣନ୍ଦ,ନଣଦେଇ,ଦେଢଶୁର ଗୁଣିଆ ଆଣି ଫୁଙ୍କା ଝଡ଼ା କରିଥିଲେ ଏବଂ ବାରମ୍ବାର ବୋହୁ କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏଥିରେ ପୂଜା ବିରକ୍ତ ହୋଇ ଗତକାଲି ଲୁଚି ଲୁଚି ବାପା ଘରକୁ ଚାଲିଯାଇଥିଲେ। ଶ୍ୱଶୁର ଏହା ଜାଣି ସମୁଦୀ କୁ ଝିଅ ର ହାତ ଗୋଡ ବାନ୍ଧି ଆଣିବାକୁ କହିଥିଲେ। ଏଥିରେ ବାଧ ହୋଇ ଝିଅ ର ମା ଝିଅ କୁ ଧରି ରାତି ରେ ଆସିବା ପରେ ଗୁଣିଆ ରାତି ସାରା ପୂଜା ଅର୍ଚ୍ଚନା କରିଥିଲେ। ତେବେ ସକାଳ ସମୟରେ ଘରେ ସମସ୍ତେ ଗାଧୁଆ ପାଇଁ ଯାଇଥିବା ବେଳେ ଗୁଣିଆ ଓ ବୋହୁ ଘରେ ରହିଥିଲେ। କିଛି ସମୟର ବ୍ୟବଧାନ ପରେ ବୋହୁ ର ଝୁଲନ୍ତା ଶରୀର ଘର ଭିତରେ ଝୁଲୁ ଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ମେଡିକାଲ କୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ. ଏସବୁ ଘଟଣା କୁ ନେଇ ବାପା ଘର ପକ୍ଷରୁ ଗୁଣିଆ କୁ ଲଗାଇ ହତ୍ୟା କରାଯାଇଥିବା ଥାନା ରେ ଅଭିଯୋଗ କରିବା ପରେ ପୋଲିସ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଶବ କୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଇ ଥିବା ଜଣାପଡିଛି।

# ଜାଭିୟର୍ସ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ ସହ ପରିବେଶର ସୁରକ୍ଷା ନେଇ ସଚେତନତା

**ବ୍ରହ୍ମପୁର :** ଜୁଲାଇ ୧ ରୁ ୭ ତାରିଖ ଯାଏଁ ବନ ମହୋତ୍ସବ ପାଳନ ପରିପେକ୍ଷୀରେ ମିନାକ୍ଷୀ ନଗର ସ୍ଥିତ ସେଣ୍ଟ୍ ଜାଭି ୟର୍ସ ହାଇସ୍କୁଲର ସ୍କାଉଟ , ଗାଇଡ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନଙ୍କ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ସ୍କୁଲ ପରିସରରେ ବୃକ୍ଷ ରୋପଣ କରିବା ସହ ପରିବେଶର ସୁରକ୍ଷା ନେଇ ରାଲୀ ମାଧ୍ୟମରେ ସଚେତନ କରିଥିଲେ । ଛାତ୍ରଛାତ୍ରୀମାନେ ଏପରି ସାମୂହିକ ଭାବେ ବୃକ୍ଷ ରୋପଣ କରି ଖୁସି ଅନୁଭବ କରିଥିଲେ । ମୁଖ୍ୟ ଅତିଥି ରୂପେ ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା ଯୋଗ ଦେଇ ବୃକ୍ଷ ରୋପଣ କାଯ୍ୟକ୍ରମ ର ଶୁଭାରମ୍ଭ କରି ଛାତ୍ରଛାତ୍ରୀ ମାନଙ୍କୁ ଆଜିର ଯୁଗରେ ବୃକ୍ଷ ରୋପଣ ର ଆବଶ୍ୟକତା ନେଇ ସୂଚନା ଦେଇଥିଲେ । ପ୍ରତ୍ୟେକ



ମଣିଷ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବା ଉଚିତ ବୋଲି ସେ କହିବା ସହ ବନ ମହୋତ୍ସବ ପାଳନ ନେଇ ନିଜର ମତ ଉପସ୍ଥାପନ କରିଥିଲେ ।ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ଓ ଶିକ୍ଷକ ଅଭିଳାଶ ଶିକା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏପରି ବନ ମହୋତ୍ସବ ପାଳନ ଲାଗି ନିର୍ଦ୍ଦେଶକ କୁନାଲ୍ କୌଶିକ ପଣ୍ଡା, ରାହୁଲ୍ ରାଜ ପଣ୍ଡା , ଅଧକ୍ଷ କାହ୍ନୁ ଚରଣ ପଣ୍ଡା ଓ ଉପାଧକ୍ଷ ପ୍ରକାଶ ପଲାଇ, ହରବିନ୍ଦର କୌର, ସୌମ୍ୟା ସ୍ୱାଗତିକା ସଭିଙ୍କୁ ସାଧୁବାଦ୍ ଜଣାଇଥିଲେ ।ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହ ଯୋଗ କରିଥିଲେ ।

# କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



**ବ୍ରହ୍ମପୁର :** ବ୍ରହ୍ମପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା ଓ କଳାକାର ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମର ସଭାଗୃହରେ ପ୍ରତିଷ୍ଠାନର ସଭାପତି ଇ ଅରୁଣ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ 'କଳାକାର ସମ୍ବର୍ଦ୍ଧନା ଉତ୍ସବ' ଆୟୋଜିତ ହୋଇସାରିଛି । ଗତ ଜୁଲାଇ ୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳକ୍ଷ ମଣ୍ଡପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରା ଉତ୍ସବରେ ନାଟ୍ୟକାର ଲିଙ୍ଗରାଜ ନାହାକଙ୍କ ରଚିତ ଏବଂ ନାଟ୍ୟପ୍ରଦୀପ ମଦନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବାଘ' ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ନାଟକରେ ଅଭିନୟ କରିଥିବା କଳାକାର ମନୋଜ ଦଣ୍ଡପାଟ, ଡ ମିହିର ତ୍ରିପାଠୀ, ଭକ୍ତି ସୁଦନ ରଥ, ବଳରାମ ମାଳି, ମଧୁ ସୁଦନ ସାହୁ, ଗୋକୁଳ ପଣ୍ଡା ଏବଂ ପ୍ରିତୀମଞ୍ଜରୀ ପ୍ରତିନିଧିଙ୍କ ସମେତ ସଂଗୀତ ନିର୍ଦ୍ଦେଶକ ଚିଣ୍ଟୁ ମହାପାତ୍ର, କଣ୍ଠଶିଳ୍ପୀ ସନ୍ତୋଷ ବେହେରା, ଟାଙ୍ଗୁ ବାଦ୍ୟକାର ସନ୍ତୋଷ ମାଝୀ, ମଞ୍ଚ ନିର୍ଦ୍ଦେଶକ ସତ୍ୟ ମହାରଣା, ନାଟ୍ୟକାର ଲିଙ୍ଗରାଜ ନାହାକ ଏବଂ ନିର୍ଦ୍ଦେଶକ ମଦନ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବ୍ୟବସ୍ଥାପକ ରବୀନ୍ଦ୍ର କୁମାର ନାୟକ, ତ୍ରିପତି ନାୟକ, ସରୋଜ କୁମାର ବାରିକ, ସୁଶ୍ରୀ ଯୋଗେଶ୍ୱିନୀ ଗୌଡ଼ ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ବ୍ରହ୍ମପୁର ସାମ୍ବାଦିକ ସଂଘର ସଭାପତି ଅଶୋକ ବ୍ରହ୍ମା, ଓଡିଶା ନାଟ୍ୟସଂଘର (ଦକ୍ଷିଣାଞ୍ଚଳ) ଉପସଭାପତି ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଳାକାର ସଂଘର ସଭାପତି ଶଙ୍କର୍ଷଣ ସାବତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଏନ. ରାମବାବୁ, ସରୋଜ ପଣ୍ଡା, ସୁଜ୍ଞାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଧୋଇଗଲା ଖଜୁରୀପଡା ବୁଢାରକାଦି ପୋଲ

**ଫୁଲବାଣୀ :** କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଅରାପାଜୁ ଗ୍ରାମ ପଞ୍ଚାୟତ ର ବୁଢା ରାକଡି ଗ୍ରାମ ସ୍ଥିତ ପୋଲୋ ଲଗାଣ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଛି । ଫୁଲବାଣୀରେ ୪ ଦିନରେ ୨୨୪ ମିଲିମିଟର ବର୍ଷା ହୋଇଥିବା ବେଳେ ଖଜୁରୀପଡା ରେ ୨୭୬ ମିଲି ମିଟର ବୃଷ୍ଟିପାତ ରେକର୍ଡ ହୋଇଛି । ଫଳରେ ଖଜୁରୀପଡା ର ଛୋଟ ବଡ଼ ପୋଲୋ ଭାଙ୍ଗି ଯାଇଥିବା



ବେଳେ ବୁଢାରାକାଡି ପୋଲୋ ସମ୍ପୂର୍ଣ୍ଣ ଧୋଇ ହୋଇଯାଇ ପୋଲା ହୋଇଯାଇଛି। ଯାହା ଫଳରେ ଏକ ବିପଦ ସଂକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ବାଇକ ଓ ସ୍କୁଟି କୁ ଛାଡି ଦେଲେ ବଡ଼ ଚାରିଚକିଆ ଜାନ ଯାତାୟାତ ଠପ ହୋଇଯାଇଛି। ଯାହା ଫଳରେ ଖଜୁରୀପଡା ଓ ଅରାପାଜୁ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ଆଂଶିକ ବାଧାପ୍ରାପ୍ତ ହୋଇଛି ବୋଲି ବରିଷ୍ଠ ସାମ୍ବାଦିକ ସୁନୀଲ ବିଶ୍ୱାଳ ପ୍ରକାଶ କରିଛନ୍ତି। ତୁରନ୍ତ ମରାମତି କରିବା ପାଇଁ ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ ଙ୍କ ପ୍ରତିନିଧି ଅନନ୍ତ କୁମାର ଦିଗାଲ ଦାବୀ କରିଛନ୍ତି।

# କରଡି ପାଇଁ ବାଉଁଶ ଜଙ୍ଗଲ ନଷ୍ଟ ହେଉଛି

**କଳାହାଣ୍ଡି :** ବାଉଁଶ ଗଜା ବା କରଡିର ବଢୁଥିବା ଚାହିଦା ଯୋଗୁଁ କଳାହାଣ୍ଡି ଜିଲ୍ଲାର ବାଉଁଶ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। କରଡି ସଂଗ୍ରହ ଓ ବ୍ୟବସାୟ ଯୋଗୁଁ ଜିଲ୍ଲାରେ ବାଉଁଶ ବଣ ଦ୍ରୁତଗତିରେ ଲୋପ ପାଉଥିବା ବେଳେ ବନ ବିଭାଗର ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଏକଦା କଳାହାଣ୍ଡି ଜିଲ୍ଲା ବାଉଁଶ ବଣରେ ପରିପୂର୍ଣ୍ଣ ଥିଲା। ଏଠାରୁ ପ୍ରତିଦିନ ଶହ ଶହ ଟ୍ରକ ବାଉଁଶ ଜିଲ୍ଲା ବାହାରକୁ ଚାଲାଣ ହେଉଥିଲା। କିନ୍ତୁ ବର୍ତ୍ତମାନ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ କେବଳ କୋକସରା ଓ ଗୋଲାମୁଣ୍ଡା, ଥୁଆମୂଳ ରାମପୁର ବ୍ଲକର କେତେକ ସ୍ଥାନରେ ଅବଶିଷ୍ଟବାଉଁଶ ଜଙ୍ଗଲ ରହିଛି ।ବର୍ଷା ଋତୁରେ ବାହାରୁଥିବା ବାଉଁଶ ଗଜା ବା କରଡି କେଉଁ କାଳରୁ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ପାଲଟିଥିବା ବେଳେ ବର୍ତ୍ତମାନ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଏହାର ଚାହିଦା ବଢ଼ିଛି। ତେଣୁ ବେଧଡ଼କ କରଡି କାଟି ବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଛି। ଏହା ଫଳରେ ବାଉଁଶ ଗଛର ସ୍ୱାଭାବିକ ବଂଶବୃଦ୍ଧି ବାଧାପ୍ରାପ୍ତ ହେଉଥିବାରୁ ବାଉଁଶ ଜଙ୍ଗଲ କ୍ରମଶଃ କମିବାରେ ଲାଗିଛି ।ବାଉଁଶ କେବଳ କାଗଜ ଶିଳ୍ପ ନୁହେଁ, ଘର ନିର୍ମାଣ, ଆସବାବପତ୍ର ଓ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତିରେ ମଧ୍ୟ ବ୍ୟାପକ ବ୍ୟବହୃତ ହୋଇଆସୁଛି। ଦିନ ଥିଲା ଜିଲ୍ଲା ରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ବାଉଁଶ ଜଙ୍ଗଲ ଥିବାବେଳେ ବର୍ତ୍ତମାନ ତାହା ପ୍ରାୟ ୫୦ ହଜାର ହେକ୍ଟରକୁ ଖସି ଆସିଥିବା ସୂଚନା ମିଳିଛି। ବନ ବିଭାଗ ପାଖରେ ସଠିକ ତଥ୍ୟ ନଥିଲେ ମଧ୍ୟ ଜିଲ୍ଲା ବନ ଅଧିକାରୀ ପ୍ରାୟ ୫୦



ହଜାର ହେକ୍ଟର ବାଉଁଶ ଜଙ୍ଗଲ ରହିଥିବା ଆକଳନ କରିଛନ୍ତି। ବାଉଁଶର ଅଭାବ ଯୋଗୁଁ ଜିଲ୍ଲା ଓ ଜିଲ୍ଲା ବାହାରର ଅନେକ କୁଶଳୀ କାରିଗର ମଧ୍ୟ ପ୍ରଭାବିତ ହୋଇଛନ୍ତି। ବାଉଁଶ ନ ମିଳିବାରୁ ସେମାନଙ୍କର ହସ୍ତଶିଳ୍ପ ଓ ଆସବାବପତ୍ର ନିର୍ମାଣ କାମ ପ୍ରାୟ ବନ୍ଦ ହୋଇଯାଇଛି। ଏପରିସ୍ଥିତିରେ ବାଉଁଶ ଜଙ୍ଗଲର ପୁନରୁଦ୍ଧାର ଲାଗି ବିପୁଳ ଅର୍ଥ ବ୍ୟୟ ହେଲେ ମଧ୍ୟ ସଫଳତା ମିଳିବା କଷ୍ଟକର ବୋଲି କୁହାଯାଉଛି। ସୂଚନା ଥାଉକି ଭାରତୀୟ ଜୀବ କଲ୍ୟାଣ ବୋର୍ଡର ଜୀବ ମଙ୍ଗଳ ଅଧିକାରୀ ରାମକୃଷ୍ଣ ଚୌଧୁରୀ କରଡି ବ୍ୟବସାୟ ଉପରେ ତୁରନ୍ତ ରୋକ ଲଗାଇବାକୁ ଜିଲ୍ଲା ବନ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। ବର୍ତ୍ତମାନ କଳାହାଣ୍ଡି ର ଅଧିକାଂଶ , ବ୍ଲକରେ ବାଉଁଶ ଜଙ୍ଗଲ ନାହିଁ କହିଲେ ଚଳେ। ବାଉଁଶ ଜଙ୍ଗଲର ସୁରକ୍ଷା ଓ ପୁନଃ ସୃଷ୍ଟି ଲାଗି ମଧ୍ୟ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ହେଉନଥିବାରୁ ସମ୍ପୂର୍ଣ୍ଣ ବିଲୁପ୍ତ ହେବାରେ ଆଶଙ୍କା କରାଯାଉଛି।

# କୃତି ଛାତ୍ର ଛାତ୍ରୀଙ୍କ ସମ୍ବର୍ଦ୍ଧନା

**ବ୍ରହ୍ମପୁର :** ସରକାରୀ କୁଇନ ଅଫ ଦି ମିଶନ୍ ସ ହାଇସ୍କୁଲର ବିଭିନ୍ନ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ପାଇଁ ପୁରସ୍କାର ବିତରଣ ଉତ୍ସବ ତା ୦୭.୦୭.୨୦୨୬ ମଙ୍ଗଳବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଲୁମିନି-୭୭ ସୌଜନ୍ୟରେ ମାଧ୍ୟମିକ (HSC) ପରୀକ୍ଷା ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦୁଇ ଛାତ୍ର, ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ , ବିଜ୍ଞାନ ଓ ଗଣିତ ବିଷୟରେ ସର୍ବାଧିକ ନମ୍ବର ହାସଲ କରିଥିବା ଛାତ୍ର ଓ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ରେ ନବମ ଶ୍ରେଣୀ, ଅଷ୍ଟମ ଶ୍ରେଣୀ, ସପ୍ତମ ଶ୍ରେଣୀ, ଷଷ୍ଠ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର ଓ ଟ୍ରଫି ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତି ରେ ପ୍ରଦାନ କରାଯାଇଛି। ଦୁଇ ନବାଗତ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇ ଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ହରେକୃଷ୍ଣ ପଣ୍ଡା ଓ ସେବା ନିବୃତ୍ତ ବରିଷ୍ଠ ଶିକ୍ଷକ ଶ୍ରୀ କୈଳାସ ଚନ୍ଦ୍ର ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ସମାରୋହର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ କୃତିତ୍ୱକୁ ସ୍ୱୀକୃତି ଦେବା, ସେମାନଙ୍କୁ ଉତ୍ସାହିତ କରିବା ଏବଂ ବିଦ୍ୟାଳୟ ପରିବାରରେ ନୂତନ ଭାବେ ଯୋଗଦେଇଥିବା ପ୍ରାୟ ୧୨୦ ଜଣ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା। ଏହି ସମ୍ମାନ ସମାରୋହ ଆଲୁମିନି -୭୭ ର ଆବାହକ ଶ୍ରୀ ଏମ ଅକ୍ଷୟ ପରିଚାଳନା କରି ଇକ୍ଷଙ୍କଙ୍କସଭସ-୭୭ ଦ୍ୱାରା ନିଆ ଯାଉଥିବା ଅନ୍ୟାନ୍ୟ କାର୍ଯକ୍ରମ ବିଷୟ ରେ ସୂଚନା ଦେଇଥିଲେ। ଏହି ଉତ୍ସବ ରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ,ଅଭିଭାବକ, ପରିଚାଳନା କମିଟି ସଭାପତି ଓ ଆଲୁମିନି-୭୭ ର ବନ୍ଧୁଗଣ ଯୋଗ ଦେଇଥିଲେ।

# ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନମହୋତ୍ସବ ସପ୍ତାହ




**ବ୍ରହ୍ମପୁର :** ଜୁଲାଇ ମାସର ପ୍ରଥମ ସପ୍ତାହ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ ସପ୍ତାହ ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ଆଶ୍ରମ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ସହଯୋଗରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ 'ବୃକ୍ଷ ହିଁ ଜୀବନ', "Adopt a Tree" ଏବଂ "Door-to-Door Tree Plantation Drive' ଭଳି ଅଭିଯାନ ମାଧ୍ୟମରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅଭିଯାନ ସମୟରେ ଅନେକ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ତାହାର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ବ୍ରହ୍ମପୁରର ମୁଖ୍ୟ ଶ୍ରୀ ରାକେଶ ପୃଷ୍ଟି, ୟୁଥ୍ ହଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବ୍ରହ୍ମପୁର ଶାଖା)ର ଶ୍ରୀ ପଦ୍ମନାଭ ଦାଭେ, ଆଇସିଏଆଇ (ସି.ଏ.) ବ୍ରହ୍ମପୁର ଶାଖାର ଶ୍ରୀ ସୀତାରଜନୀ, ହରିପୁର ଉଚ୍ଚ ବିଦ୍ୟାଳୟ ସିକ୍ଷୟତ୍ରି ଶ୍ରୀ ରାଧା ରାଣୀ ବେହେରା (ହରିପୁର), ସାବରୀମାତା ଆଶ୍ରମର ଶ୍ରୀ ନଗେନ୍ଦ୍ରନାଥ ମହାରଣା ଏବଂ ରୁବୀ ହସ୍ପିଟାଲ, ଚିକିଟିର ଡ଼ଃ ବି. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ସଂସ୍ଥା ଓ ସଙ୍ଗଠନର ପ୍ରତିନିଧିମାନେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ପି. ଭିନୋଦ, ଏ. ପ୍ରକାଶ, ସୋହନ କୁମାର,ଦୀପକ ପାତ୍ର,ସବ୍ୟସାଚୀ ପଣ୍ଡା,ରବି କୁମାର ସାହାଣୀ, ଅଜୟ କୁମାର ସାହୁ,ବିରାଜ ପ୍ରସାଦ ପାତ୍ର, ସଞ୍ଜୟ କୁମାର ସାମନ୍ତରାୟ ଏବଂ ସ୍ନେକ୍ ହେଲ୍ପଲାଇନର ସଦସ୍ୟ ଶ୍ରୀ ସ୍ୱାଧୀନ କୁମାର ସାହୁ ପ୍ରମୁଖ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ଶିବରାମ ପାଣିଗ୍ରାହୀ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ସାମାଜିକ ଦାୟିତ୍ୱ।

# ଦୁଇମାସ ନ ପୁରୁଣୁ ରାସ୍ତାର ଅବସ୍ଥା ଶୋଚନୀୟ

**କେନ୍ଦ୍ରାପଡ଼ା :** ବ୍ଲକ୍ ଅନ୍ତର୍ଗତ ଦୁହୁରିଆ ଓଙ୍ଗେଡ୍ ଛକରୁ ତରାପୁର ଚକ୍ରୋଡା କେନାଲ ବନ୍ଧକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଏକ ରାସ୍ତା ଦୁହୁରିଆ ପାଟ ପୋଲ ର ଦ୍ୱିପାକ୍ଷିକ ସଂଯୋଗ ରାସ୍ତା ୯୦ ପ୍ରତୀସତ ନଷ୍ଟ ହୋଇଯାଇ ଥିବାର ଦେଖାଯାଉଛି। ପ୍ରକାଶ ଥାଉକି ଉକ୍ତ ରାସ୍ତାଟି ଗତ ମାସରେ ପୂର୍ତ୍ତ ବିଭାଗ ଦ୍ୱାରା ନିଲାମ କରାଯାଇ କାମ ହୋଇଥିଲା । ଏହି ରାସ୍ତା ରେ ଦୈନିକ ୧୦ ରୁ ୧୫ ପଞ୍ଚାୟତ ର ଲୋକ କାରବାର କରିଥାନ୍ତି । ବିଡମ୍ବନା ର ବିଷୟ ଯେ ପୂର୍ତ୍ତ ବିଭାଗର ନିଷ୍କ୍ରିୟ ତା ସାଙ୍ଗକୁ ଠିକାଦାର ଙ୍କ ମନମାନିରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ଆଜି ଅନେକ ଅସୁବିଧାର ର ସମ୍ମୁଖୀନ ହେଉଛନ୍ତି । ତେବେ ସେହି ଦିପାକ୍ଷିକ ସଂଯୋଗ ରାସ୍ତା କୁ ତୁରନ୍ତ ଠିକ୍ କରିବାକୁ ସାଧାରଣ ଲୋକଙ୍କ ଦାବୀ ହେଉଛି ।

# ସରୋଜ ରଞ୍ଜନ ମହାନ୍ତି ମୋ ପ୍ରିୟ ସଂପାଦକ, ରମାକାନ୍ତ ରଥ ମୋ ପ୍ରିୟ କବି

## - ସୁଶାନ୍ତ ନାୟକ



"ରାୟଗଡ଼ ଜିଲ୍ଲା କୁମ୍ଭିକୋଟାଠାରେ ଜନ୍ମଲାଭ କରିଥିବା ସୁଶାନ୍ତ କୁମାର ନାୟକ ଓଡ଼ିଆ ସାହିତ୍ୟ ଜଗତରେ ଏକ ବହୁ ପରିଚିତ ନାମ। ସେ କେବଳ କବି ଭାବରେ ନୁହଁନ୍ତି, ଜଣେ ସୁସଂପାଦକ ଭାବେ ମଧ୍ୟ ରାଜ୍ୟ ବିଖ୍ୟାତ। ପାଞ୍ଚଗୋଟି କବିତା ସଂକଳନ ଓ ଗୋଟିଏ ମନୋଗ୍ରାଫ୍ର ସଫଳ ସ୍ରଷ୍ଟା ହେବା ସହ ନିଜ ପ୍ରତିଭା ପାଇଁ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ। 'ରାଜଭୂମି'ର ଏଇ ସଂଖ୍ୟାର ସାକ୍ଷାତକାର ତାଙ୍କ ସହ ..."

**ପ୍ରଶ୍ନ ୧. ଆପଣ ଲେଖାଲେଖି କରନ୍ତି, ପତ୍ରିକା ସଂପାଦନା କରନ୍ତି। ଲେଖାଲେଖି, ସଂପାଦନା ମଧ୍ୟରେ ଆପଣଙ୍କ ପାଇଁ କେଉଁଟା ସହଜ କେଉଁଟା କଷ୍ଟ ?**

**ଉତ୍ତର ୧.** ଲେଖାଲେଖି କରିବା ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି। ଜଣେ କିଏ ଚାହିଁଲେ ବି ସେ ଲେଖକ ହୋଇପାରିବ ନାହିଁ। ପତ୍ରିକା ସଂପାଦନା କରିବା ଏକ ଗୁରୁଦାୟିତ୍ୱ। ସୃଜନଶୀଳତା ଓ ସଂପାଦନା ସଂପୂର୍ଣ୍ଣ ଭିନ୍ନ। ସୃଜନଶୀଳତା ଜଣକର ଦୃଷ୍ଟି ଉପରେ ନିର୍ଭରଶୀଳ। ସଂପାଦନା ଜଣକର ସାଧନା ଉପରେ ପର୍ଯ୍ୟବସିତ। ଲେଖକମାନଙ୍କ ଲେଖାକୁ ବିଚାର କରିବା ଓ ତାକୁ ଯଥା ସ୍ଥାନରେ ସ୍ଥାନିତ କରିବା ଜଣେ ସଂପାଦକର ଗୁରୁ ଦାୟିତ୍ୱ। ଜଣେ ସୃଜନଶୀଳ ସ୍ରଷ୍ଟା ଚାହିଁଲେ ସଂପାଦକ ହୋଇପାରିବ, କିନ୍ତୁ ଜଣେ ସଫଳ ସଂପାଦକ ଯେ ଜଣେ ଭଲ ଲେଖକ ହୋଇପାରିବ ଏହା ଜୋର୍ ଦେଇ କହିହେବ ନାହିଁ। ଏକ ଅଦୃଶ୍ୟ ଐଶସତ୍ତାର ନିର୍ଦ୍ଦେଶରେ ଲେଖାସ୍ଫୁରଣ ହୁଏ। ଲେଖାଲେଖି ଓ ସଂପାଦନା ଦୁଇଟିଯାକ ମୋ ପାଇଁ କଷ୍ଟକର।

**ପ୍ରଶ୍ନ ୨. ସାହିତ୍ୟ ଜଗତରେ ଆପଣଙ୍କ ପ୍ରବେଶ କିପରି ହୋଇଥିଲା ?**

**ଉତ୍ତର ୨.** ବୋଉର କାନକୁହା ରାଜରାଣୀ କାହାଣୀ, ବୁଢ଼ି ଅସୁରୁଣୀ କଥା ଏବଂ ବାପାଙ୍କ ଭାଗବତ ଓ ଗୀତାପାଠ ଶୁଣି ମୁଁ ଲେଖିବାକୁ ଇଚ୍ଛା ପ୍ରକାଶ କଲି।

**ପ୍ରଶ୍ନ ୩. ଆପଣଙ୍କ ଆଦ୍ୟ ପ୍ରେରଣା କିଏ ?**

**ଉତ୍ତର ୩.** ବୈଚିତ୍ର୍ୟମୟ ପ୍ରକୃତି ହିଁ ମୋର ସୃଜନର ଆଦ୍ୟପ୍ରେରଣା।

**ପ୍ରଶ୍ନ ୪. ସୁଶାନ୍ତ ନାୟକଙ୍କୁ ଆମେ ଜଣେ ସରଳ, ନିରହଂକାରୀ ବ୍ୟକ୍ତି ଭାବେ ଦେଖି ଆସୁଛୁ। ଏମିତି ସରଳତାର ରହସ୍ୟ କ'ଣ ?**


**ଉତ୍ତର ୪.** ସରଳ ହେବା ସେତେ ସହଜନୁହେଁ। ଏ ସରଳତା ଆମ ପରିବାରର ସଂସ୍କାରରୁ ଆସଛି। ବାପା ମା'ଙ୍କର ଆକଟରେ ହିଁ ଆମେ ନିଜକୁ ପରୀକ୍ଷା ଦେଇଛୁ ଓ ପରିଶୁଦ୍ଧିତ ହୋଇଛୁ। ପରିବାରର ଆଦବ କାଇଦା ହିଁ ଆମ ସରଳତାର ଆଲେଖ୍ୟ।

**ପ୍ରଶ୍ନ ୫. ସାହିତ୍ୟରୁ କେତେ ଆନନ୍ଦ ପାଆନ୍ତି ?**

**ଉତ୍ତର ୫.** ସାହିତ୍ୟରୁ ଯେଉଁ ଆନନ୍ଦ ମିଳେ ପାର୍ଥିବ ଜଗତର ମହାର୍ଘ ବସ୍ତୁରୁ ମିଳେ ନାହିଁ। ଥରେ ଯିଏ ସାହିତ୍ୟର ରସ ଆସ୍ୱାଦନ କରିଛି ସେ ହିଁ ବୁଝିପାରିବ ସାହିତ୍ୟ କେତେ ଆନନ୍ଦ ଦିଏ।

**ପ୍ରଶ୍ନ ୬.ଆପଣଙ୍କ ଆଗାମୀ ଯୋଜନା କଣ ସାହିତ୍ୟକୁ ନେଇ ?**

**ଉତ୍ତର ୬.** କବିର ଦୃଷ୍ଟି ଯେଉଁଠି ପଡ଼ିନାହିଁ ସେଠି ପକାଇ ତାକୁ କବିତାରେ ରୂପଦେବା ଓ କ୍ଷୁଦ୍ର ଭିତରେ ବିରାଟର ସନ୍ଧାନକୁ ଆବିଷ୍କାର କରିବା। ନିଜ ଅସ୍ତିତ୍ୱର ଉପଲବ୍ଧିକୁ ସରଳ ପ୍ରାଞ୍ଜଳ ଭାଷାରେ କବିତାରେ ପ୍ରକାଶ କରିବା।



**ପ୍ରଶ୍ନ ୭. ଆପଣଙ୍କ ପ୍ରିୟ ସଂପାଦକ କିଏ, ପ୍ରିୟ କବି କିଏ ?**

**ଉତ୍ତର ୭.** ପ୍ରିୟ ସଂପାଦକ- ଶ୍ରୀଯୁକ୍ତ ସରୋଜ ରଞ୍ଜନ ମହାନ୍ତି
ପ୍ରିୟ କବି- ପଦ୍ମଭୂଷଣ ରମାକାନ୍ତ ରଥ।

**ପ୍ରଶ୍ନ ୮. ବହୁତ କଳେବର ଉଚ୍ଚକୋଟୀର ଲେଖାନେଇ ପ୍ରତିବର୍ଷ ଆପଣଙ୍କ ପୂଜା ପତ୍ରିକା ପ୍ରକାଶ ପାଏ, ସତ କହିବେ, ଆପଣଙ୍କ ପତ୍ରିକାରେ କେତେ ଖର୍ଚ୍ଚ ହୁଏ, କେତେ ବିଜ୍ଞାପନ ପାଆନ୍ତି ?**

**ଉତ୍ତର ୮.** ଯେପରି ବିବାହିତା ନାରୀକୁ ତା' ପ୍ରେମିକର କଥା ପଚାରିଲେ ନିରବତା ରକ୍ଷାକରେ, ଠିକ୍ ସେହିପରି ପତ୍ରିକା ସଂପାଦକକୁ ତା'ର ପତ୍ରିକାର ଆୟବ୍ୟୟ ଅଟକଳ ପଚାରିଲେ ସେ ନିରବତା ରକ୍ଷାକରେ, କାରଣ ପତ୍ରିକା ସଂପାଦନା ଅର୍ଥ ଉପାର୍ଜନର ଲକ୍ଷ୍ୟ ନୁହେଁ। ଏହା ଏକ ପାର୍ଥିବ ସୃଜନ ବିଳାସ।

**ପ୍ରଶ୍ନ ୯. ପରିବାରରୁ କେମିତି ସମର୍ଥନ ମିଳେ ସାହିତ୍ୟ ପାଇଁ ?**


**ଉତ୍ତର ୯.** ସାହିତ୍ୟ ପ୍ରତି ସମସ୍ତେ ମନସ୍କ ହେବେ ଏହା କୌଣସି ମାନେ ନାହିଁ। ତଥାପି ପୁଅଝିଅ ସେମାନଙ୍କ ଦିଗରେ ଗତି କଲାବେଳେ ମୋ କବିତା ପ୍ରତି ମନସ୍କ ହୁଅନ୍ତି ଏବଂ ମୋ ବାପା ଜଣେ କବି ବୋଲି ଗର୍ବ ଅନୁଭବ କରନ୍ତି।

**ପ୍ରଶ୍ନ ୧୦. କବି/ ସଂପାଦକ/ ଜଣେ ଭଲ ମଣିଷ ସୁଶାନ୍ତ ନାୟକଙ୍କ ଜୀବନର ଅବସୋସ କ'ଣ ?**

ଉତ୍ତର ୧୦. ଅବସୋସ ଭିତରେ ଲୁଚିଯାଏ ଗୋଟେ ଅସଫଳ ଆଶା, ସେ ଆଶା ତ ସବୁବେଳେ ମୋ ଭିତରେ ପତରଉଛି, ମୁଁ କାହାକୁ ନେଇ ବଞ୍ଚିବି ମତେ ଜଣାନାହିଁ ଏବଂ କେଉଁ ଆଶାକୁ ଚରିତାର୍ଥ କରିବି ତାହା ବି ମତେ ଅଜଣା, ଏହା ହିଁ ମୋର ଅବସୋସ।

❒

## ଭିତରକନିକା ଭିନ୍ନ ଏକ ତନ୍ମୟତା




### ହେମନ୍ତ କୁମାର ରାଉତ

ନୀଳଶୂନ୍ୟର ଆରପାରିରେ ତାରାଙ୍କ ହାଟ
ସେମାନଙ୍କ ଗହଳି ଚହଳି ଭିତରକନିକାର
ଆରପାରିରେ।
ସାରାପୃଥିବୀର ଅନ୍ଧାର ଯେଉଁଠି ଗୋପନରେ
ଅପସରୀମାନେ ଚଢେଇ ହୋଇ ନୀଡ଼ତୋଳନ୍ତି
ସୃଷ୍ଟିର ଆରମ୍ଭରୁ ସେମାନଙ୍କ ମିଠା ଗୀତ
ଡେଣାରପର୍ବ ଶାବକଙ୍କ ଖିଚିରି ମିଚିରି ଶୁଭୁଥାଏ
ଚୀର ପ୍ରବାହିନୀ ନଈନାଳର ବେସୁରା
ସଂଗୀତରେ ବିମୋହିତ ସୃଷ୍ଟିର ଚିରନ୍ତନ ପ୍ରକ୍ରିୟା
ନୀଳନୀଳ ଚିତ୍ରପଟରେ ଅଙ୍କିତ ସୁନାରଙ୍ଗୀ ଚଢ଼େଇ
କେବେ କେବେ ଭିତରକନିକା ଗୋଟିଏ
ଦୁର୍ବୋଧ କବିତା ଭଳି ଅବୁଝା
ରହସ୍ୟର, ଉପାନ୍ତରେ ମାୟାରନୀଳ ବର୍ତ୍ତିକା
ଆଉ ନିର୍ମାୟାର ଚିତ୍ରଲିପି
ଭିତରକନିକା ନୀଳକୁନ୍ତଳ ପରିହିତା
ବିମୁଗ୍ଧା ନାରୀଟିଏ
କଅଁଳ ସତେଜପତ୍ରର ବର୍ଣ୍ଣିଳ ମହାକାବ୍ୟ
ତା' ଭିତରେ ଗୋପନରେ ଥାଏ ରହସ୍ୟମୟ ଅସ୍ତିତ୍ୱ
କେବେ ଜହ୍ନ କିରଣର ବିମୁଗ୍ଧତା
କେତେ ତାରାର ନୀରବତା ପବନରେ ଜଙ୍ଗଲି
ଫୁଲର ଆବାଜ କେତେ କେତେ ଗଛମାନଙ୍କର
ଆଭିଜାତ୍ୟ ଯେଉଁଠି ସଂଗୋପନ ଚିରକାଳ
ଆପଣାର ଦେହକୁ ନିଲିପ୍ତ କରିବାକୁ ହେବ
ନିଜର ଅସ୍ତିତ୍ୱ ଭିତରେ
ଯେଉଁଠି ନିଗିଡ଼ି ଆସିବ ଆତ୍ମାର ଜନ୍ମୟତା
ତା'କୁ ବୁଝ ବା ନବୁଝ
କେବଳ ନିରେଖି ଦେଖ ଭିତରକନିକାକୁ
ଚଢେଇକୁ ଫୁଲକୁ ପତ୍ରକୁ ଓ ପଶୁପକ୍ଷୀଙ୍କୁ
ତା'ର ନୀଳପତ୍ରର ନିଳିମାର ଝଙ୍କାରକୁ।

❒

କଥାବାର୍ତ୍ତା : ୬୩୭୧୬୭୨୧୪୮

## ତିନୋଟି କବିତା



### ଅଭିରାମ ସାହୁ

**ଚାଲି**

ତୁମ ମୋ ଚାଲି ସମାନ କେମିତି କୁହ,
ତୁମେ ଜୋଛନାର ପୁନେଇଁ ପକ୍ଷ
ମୁଁ ଯେ ଉଆଁସର
ଅମୁହାଁ ଦେଉଳ ଦିଅଁ !
ତୁମ ଆକାଶରେ ଲକ୍ଷେ ତାରକା
ମୋ ଛାୟାପଥେ ଝଡ ଓ ଉଲ୍କା
ଲକ୍ଷେ ଆତୁର ଆଖିରୁ କେମିତି
ଫେରାଇ ପାରିବି ମୁହଁ,
ତୁମ ପାଦତଳେ ପଦ୍ମପାଖୁଡା
ମୋ ପାଦତଳେ ଲୁହର ଅସରା ସୁଅ !

**ଏଯାଏ ଖୋଜୁଛି**

ଲୋଭ ତ ତୁମର ଭଲ ପାଇବାର
ସ୍ୱପ୍ନ-ଶୀଳିତ ଗହନ ନିଦ
ତୁଚ୍ଛା ମୁଁ ଏକ ରାତି ଉଜାଗର
ବ୍ୟର୍ଥ ପ୍ରେମର କାବ୍ୟ-ନାଦ !
ତୁମ ଲୋଭ ପାଇଁ କେଉଁଠୁ ପାଇବି
ଶବ୍ଦ ବଦଳେ ଦ୍ରାକ୍ଷା ଗୋଟି
ମୁଁ ତ ଏ ମାଟିର ମଣିଷ ପାଇଁ କି
ଏଯାଏ ଖୋଜୁଛି ଶବ୍ଦ କୋଟି !

**ଗତିର ନିଶାଣ**

ଯେଉଁଠି ପାଦ ମୋ ପଡୁଛି, ସବୁଠି
ପାଦ ତଳେ ମୋର କଣ୍ଟା
କଣ୍ଟା ବାଜି ବାଟ ଚାଲୁଚାଲୁ ଯେବେ
ବାଜିଯାଏ ଶେଷ ଘଣ୍ଟା -
ଶୋଚନା ନଥିବ ଲକ୍ଷ୍ୟସ୍ଥଳ ମୁଁ
ଛୁଇଁଲି କି ଛୁଇଁନାହିଁ
କାଲି କେ ହୁଏତ ମୋ ଚାଲିରେ ଚାଲି
ହୋଇପାରେ କାଳଜୟୀ !
ଦୁର୍ଗମ ପଥେ ଝରୁ ପଛେ ଯେତେ ରକ୍ତ
ଗତିର ନିଶାଣ ହେଉ ଦୁର୍ବାର ଶକ୍ତ !

❒

କଥାବାର୍ତ୍ତା : ୮୬୩୭୨୪୭୫୧୯



## ଆଣ୍ଟିକ



### ପ୍ରଫୁଲ୍ଲ ବାରିକ

ନା ବେମାର ଆଚାର, ନା ଅସୁସ୍ଥ ଉପଚାର, କିଛିନାହିଁ। ଗଡିପଡିଲା ମରିଗଲା। ଯିଏ ଶୁଣିଲା କହିଲା ବୁଢ଼ୀଟା ଭାରି ଧର୍ମାତ୍ମା ଥିଲା। ଇମିତି ମରଣ କିଏ ମରେ ? ନା ନିଜେ କଷ୍ଟ ପାଇଲା, ନା ଦେଲା କାହାକୁ। ଶୁଭେନ୍ଦୁ ସ୍କୁଲରୁ ଶୁଣି ଆସିଲା। ଘରେ ଲୋକଙ୍କ ଭିଡ଼। ସୁରଭି ମାଆ ପାଖରେ ବସି ଥରୁଚି ଗୋଟାପଣି। ଆଖିରୁ ନିଗୁଡୁଛି ଧାରଧାର ଲୁହ। ଭିଡ଼ଠେଲି ଶୁଭେନ୍ଦୁ ଗଲା ବୋଉ ପାଖକୁ। ପାଟି ମେଲାହେଇ ରହିଯାଇଛି। ହାତ ପଡିଛି ଲମ୍ବହେଇ। ମୁଠା ଖୋଲା। ଶୁଭେନ୍ଦୁକୁ ଦେଖି ସୁରଭି ଧକେଇଲା। ଶୁଭେନ୍ଦୁ ତାକୁ ତୁନକରି କହିଲା, ବୋଉ କିଛି କହିବାକୁ ଚାହୁଁଥିଲା। କହି ପାରିନି। ହାତବି ପହଞ୍ଚି ନାହିଁ ଯାହାକୁ ଚାହୁଁଥିଲା ତା ପାଖରେ। ଶୁଭେନ୍ଦୁ କୋହ ରୋକିପାରିଲା ନାହିଁ। ବୋଉ ଉପରେ ମୁଣ୍ଡରଖି କାନ୍ଦିଲା ଛୋଟ ପିଲାଙ୍କ ପରି। ହିସାବରେ ଭାଉଜ ଜଣେ ଶୁଭେନ୍ଦୁର କାନ୍ଦଣା ବନ୍ଦକଲେ ନାନାକଥା ବୁଝେଇ।

ଶୁଭେନ୍ଦୁ ଗାଁ ହାଇସ୍କୁଲର ଶିକ୍ଷକ। ସାନଭାଇ ଶରତ ଇଞ୍ଜିନିୟର ବାଲିମେଳାରେ। ଖବର ଗଲା। ଆସି ପହଁଚିଲେ ହେବ ଶବସତ୍କାର। ବୃଦ୍ଧଜଣେ କହିଲେ ଶୁଭେନ୍ଦୁକୁ, ବଡ଼ ଭାଇତ ଅଛି। ସାନ ପହଂଚିବାକୁ ଡେରି ହେବ। ସେଯାକେ ଅପେକ୍ଷା କରିବା ? ସତ୍କାର କରିଦେଲେ କ୍ଷତିକଣ ? ଗାଁ'ଟା ଯାକ ଚୁଲି ଜଳୁନି। ଶବସତ୍କାର ପରେ ଯାଇ ଯାହା। ପିଲାଛୁଆ ପଡାପଡୋଶୀ ଧରି ଆମେ ଚାଲୁଛେ। କାଟିଦେଇ ରାନ୍ଧିବେ ଖାଇବେ କେମିତି ? ଅବିଧି ହେବ। ସବୁତ ଜାଣୁ ଖଟିଖିଆ। ଖାଇଲେ ଯିବେ ଯିଏ ଯାହାର କାମକୁ। ଡେରିକଲେ କେମିତି ହେବ ? ଶୁଭେନ୍ଦୁ କହିଲା, ଯେତେ ଡେରି ହେଉପଛେ ଶରତକୁ ଅପେକ୍ଷା କରିବାକୁ ହେବ। ସିଏ ବାହାରି ସାରିଛି। ଗାଡିକରି ଆସୁଛି। ତା ପହଂଚିବା ଆଗରୁ ସତ୍କାର କରିଦେଲେ ମୋତେ କହିବ କ'ଣ ଆସିକି। ତା'ଛଡା ବୋଉର ସିଏ ପିଲାଙ୍କ ଭିତରେ ବେଶୀ ଗେହ୍ଲା। ତା ଅବର୍ତ୍ତମାନରେ ସତ୍କାର ଠିକ ହେବନି। ନିଜେ ସିଏ କହିଛି ମା ପହଂଚିବା ଯାକେ ଅପେକ୍ଷା କରିବ।

- 'ହଉ ତେବେ ତମ ଇଚ୍ଛା'। ବୟସ୍କ ଲୋକଟି କହି ଚୁପ ରହିଲେ। ଶରତ ପହଁଚିଲା ସଂଧ୍ୟା ସାତଟାକୁ। ସାଙ୍ଗରେ ସାନବୋହୁ ଓ ତା ଛଅ ବର୍ଷର ପୁଅ। ସମସ୍ତେ ମାଆଙ୍କୁ ଶେଷ ଦର୍ଶନ କଲେ। ଶରତ ବୋଉ ପାଦ ଉପରେ ମଥାକାଡ଼ି କାନ୍ଦିଲା କଇଁକଇଁ ଛୋଟ ଛୁଆଟେ ପରି। ବୋଉ ପାଦକୁ ଦୁଇ ହାତରେ ଧରିଥାଏ ଜାବୁଡି। ଶୁଭେନ୍ଦୁ କହିଲା, ମୁଁ'ବି ନଥିଲି ବୋଉ ଯିବାବେଳେ। ସ୍କୁଲରୁ ଶୁଣି ଆଇଲି। ବୋଉ ପାଟି ମେଲାକରି ମରିଚି। ହାତବି ଲମ୍ବ ହେଇ ପଡିଥିଲା। ବୋଧେ ସିଏ ତୋତେ କି ମୋତେ ଖୋଜୁଥିଲା କିଛି କହିବାକୁ, ପାରିଲା ନାହିଁ। ସମୟ ସାଥ୍ ଦେଲାନି।

କୋକେଇ ପ୍ରସ୍ତୁତ ହେଇ ରହିଥାଏ। ମାଲଭାଇମାନେ ଥାଆନ୍ତି ପ୍ରସ୍ତୁତ। ବୋଉକୁ ଉଠେଇ ନେଇ ଶୁଆଇ ଦେଲେ କୋକେଇରେ। ସାଙ୍ଗରେ ଯାହା ଯିବାର ସାନକୁ ଦେଲେ ଧରି ଯିବାକୁ। ରାମନାମ ସତ୍ୟହେ କହି ଉଠେଇବାକୁ ଯାଉଛନ୍ତି ଶରତ କହିଲା ଗୋଟିଏ ମିନିଟ ରଖ। ମୋ କାମ ସରିନି, ସାରିଦିଏ ଉଠେଇବା। କହି ସେ ମାଆ ପିନ୍ଧିଥିବା ହାତରୁ ରୁପାଖଡୁ ଓ ମୋଟାମୋଟା ସୁନାଚୁଡ଼ି ଦି'ପଟ କାଢି ପକେଟରେ ପୁରେଇଲା। ଦୃଶ୍ୟ ଅନ୍ୟ ସମସ୍ତଙ୍କ ଆଖିକୁ ଠିକ ଲାଗିଲାନି। ଏଡ଼େବଡ଼ ଘର, ମାଆ କ'ଣ ନକରିଛି ଏମାନଙ୍କପାଇଁ। ଗଲାବେଳେ ହାତରୁ କାଢିନେଲେ ସବୁ। ଅନ୍ୟମାନେ ଭାବୁଥିବା ବେଳେ ଶୁଭେନ୍ଦୁ କହିଲା, ଶରତ ତୁ ଏ କ'ଣ କଲୁ ? ଠିକ୍ କଲୁନି ? ଆମର କ'ଣ ନାହିଁ ? କଥା ଭଲ ହେଲାନି। ଇଏ ଆମର ସ୍ୱାର୍ଥପରତା। ବୋଉକୁ ଅସମ୍ମାନ। ତା ପ୍ରତି ଧୋକା। କଣ ସିଏ ନ କରିଛି ଆମପାଇଁ ? ଶେଷରେ ହାତରୁ ପିନ୍ଧାସଜ କାଢିନେଲୁ ? ମୋ ଆଖିକୁ ଭଲ ଆଦୌ ଦିଶିଲାନି, ଶରତ କହିଲା, ଭାଇ ମୋର ସେଥିରେ କାମ ଅଛି। ତା ଛଡା ମଲାପରେ ଏସବୁର ଆବଶ୍ୟକ କ'ଣ ? ବୋଉ ଆଉ ବଞ୍ଚିଛିକି ଦେଖୁଥିବ, ନା ଜାଣୁଥିବ। ତମେ ସେ ବିଷୟରେ ଚିନ୍ତା କରନା। ଭାଇମାନଙ୍କ କଥାକୁ ଅଣଦେଖା କରି ଶବ ଉଠିଲା। ଚାଲିଲା ଶ୍ମଶାନକୁ। କାନ୍ଧଦେଲେ ଦୁଇ ଭାଇ।

କଥା ପ୍ରଘଟ ହେଇଗଲା ନିମିଷେକେ ଗାଁ ଗୋଟା। ସାନପୁଅ ମାଆ ହାତରୁ କାଢିନେଲା କୋକେଇରୁ। ସମସ୍ତଙ୍କ ମୁହଁରେ ଛି'ଛାକର। ରାତିରେ ଶ୍ମସାନରୁ ଫେରିବା ପୂର୍ବରୁ ଘରେ ଲାଗି ସାରିଥିଲା ନିଆଁ। ବଡ଼ ଭାଉଜ ସାନକୁ କହିଲେ, ସେଥିରେ ଆମର ନାହିଁକି ଭାଗ ? ସିଏ କାହିଁକି ସବୁ ଆବୋରି ବସିଲେ ? ସିଏ ଆସନ୍ତୁ ଆମେ ଅଧେ ନେବୁ। ସାନ ଚୁପ ରହି ଶୁଣୁଥାଏ। ବଡ଼ଙ୍କୁ ଡାକି ବିନମ୍ରତା ସହ ବୁଝେଇଲେ, ଅପା, ସେ ଯାହା ଆବୋରିଛନ୍ତି ସେ ଧନ ଲୋଭରେ ନୁହେଁ। ଆମର କ'ଣ ଅଭାବଯେ ବୋଉଙ୍କ ଶବରୁ କାଢିରଖିବୁ। ଅସଲ କଥା ସିଏ ଆଂଥ୍ରପୋଲାଜୀର ଛାତ୍ର। ଏବେ ଯେତେସବୁ ପୁରୁଣା ଜିନିଷର ରକ୍ଷଣା ବେକ୍ଷଣ କରୁଛନ୍ତି। ଗୋଟିଏ ଘର ଆମର ସେଥିରେ ସଜ୍ଜିତ। କହୁଛନ୍ତି ଯେ ଆଣ୍ଟିକ ଏମ୍ପୋରିଅମ। କେତେକେତେ ଲୋକ ପି.ଏଚ୍.ଡି ବାଲା ଆସି ତାଙ୍କ ଗବେଷଣାର ସହାୟତା ନେଉଛନ୍ତି। କେତେ ଜାଗାରୁ ସେ ପ୍ରଶଂଶିତ ହେଲେଣି। ସବୁଆଡେ ତାଙ୍କ ନାଁ। ବୋଉଙ୍କ ବୟସ ନବେ। ଜଣେ ନବେ ବର୍ଷର ମହିଳାଙ୍କ ସେତେବେଳକାର ବ୍ୟବହାର୍ଯ୍ୟ ଜିନିଷ ସେ ରଖିବେ ଆଣ୍ଟିକ ଷ୍ଟୋରରେ। ଅସମ୍ମାନରେ ନୁହେଁ। ଯତ୍ନରେ, ମାଟି ଖାଇଥାଆନ୍ତା। ଏମିତି ରହିବ ଆଖି ଆଗରେ। ଯେତେଦିନ ଥିବ, ବୋଉ ଥିବେ ଆମସହ। ଏଥିରେ ଭୁଲ୍ କୋଉଠି ହେଲା ? ସେ ଲୋଭରେ ନେଇ ନାହାନ୍ତି। ସଉକରେ, ଚାହିଁବ ଯଦି ଚୁଡ଼ିହଲେ ତମପାଇଁ କିଣିଦେବେ ସିଏ। ମୁଁ କହିବି, ତମେ ଭୁଲ୍ ବୁଝନା।


ବଡ଼ ବୁଝିଲା ଅସଲ କଥା। କିଏ ଜାଣେ କାହା ମନର କଥାକୁ। ନାଇଁତ ଶବ ସତ୍କାରରୁ ଫେରି ହେଇଥାଆନ୍ତା ଝମିଲା ଭାଇ ଭାଇଙ୍କ ଭିତରେ। ତା ପୂର୍ବରୁ ସାନ କହି ବାଟ ସଫା କରି ଦେଇଛି।

ପରଦିନ ସକାଳେ ଶୁଭେନ୍ଦୁର ମନଉଣା ଓ ବ୍ୟବହାରରେ ଖାପଛଡା ଦେଖି କଥାକୁ ଆଉ ଆଗକୁ ବଢିବାକୁ ନଦେଇ ବଡ଼ ବୁଝେଇ ଦେଲା ଅସଲ କଥା। ଶୁଭେନ୍ଦୁ ଶିକ୍ଷିତ, ବୁଝିଗଲା କ୍ଷଣକରେ। ଆଜିକାଲି ଆଣ୍ଟିକ ପ୍ରତି ଗୋଟିଏ ନିଶା ଆସିଛି। ସହଜେ ଶରତ ଆଂଥ୍ରପୋଲାଜୀର ଛାତ୍ର ହେବା ସ୍ୱାଭାବିକ। ଶୁଭେନ୍ଦୁ ମୁହଁରେ ଏବେ ଦେଖାଦେଲା ସ୍ମିତ ହସ।

❒


ଚନ୍ଦନବିନ୍ଧା, ଚନ୍ଦବାଲି, ଭଦ୍ରକ
କଥାବାର୍ତ୍ତା : ୯୨୩୮୯୨୦୪୦୫

## ବହି



**ଗୀତି କବିତା ସମଗ୍ର**
**କବି : ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର**
**ପ୍ରକାଶକ : ବନଫୁଲ, ଭୁବନେଶ୍ୱର**

ଦୀର୍ଘ ଚାଳିଶି ବର୍ଷରୁ ଉର୍ଦ୍ଧ୍ୱକାଳ ହେବ ସାହିତ୍ୟ ଜଗତରେ ସକ୍ରିୟା ଥିବା ନାମଟିଏ ହେଉଛି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର। ସେ କେବଳ ଓଡ଼ିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ତାଙ୍କ ପରିଚୟ ବାରି ହୋଇପଡ଼େ। ତାଙ୍କର ଅନେକ ପୁସ୍ତକ ଓଡ଼ିଆ ସମେତ ଭାରତର ବିଭିନ୍ନ ଭାଷାରେ ପ୍ରକାଶିତ ଓ ପ୍ରଶଂସିତ। ଏଇ ନିକଟରେ ବନଫୁଲ ପ୍ରକାଶନୀ ଦ୍ୱାରା ୨୭୫ ପୃଷ୍ଠା ବିଶିଷ୍ଟ 'ଗୀତି କବିତା ସମଗ୍ର' ତାଙ୍କର ପ୍ରକାଶ ପାଇଛି। ଛଅଗୋଟି ପୁସ୍ତକକୁ ନେଇ ସମୃଦ୍ଧ ହୋଇଥିବା ତାଙ୍କର ଏହି ସଂକଳନରେ କଣ ନାହିଁ ଯେ ! ପକ୍ଷୀଠୁ ଫୁଲଯାଏ, ଗାଁଠୁ ନଈଯାଏ, କଅଁଳ ଘାସଠୁ ଶିଶିର ଟୋପା ସବୁକିଛି କାବ୍ୟପ୍ରିୟ ପାଠକ,ପାଠିକା ଏଥିରୁ ପାଇ ପାରିବେ। ସବୁଠୁ ଆକର୍ଷଣୀୟ ଲାଗେ ଏହି ପୁସ୍ତକରେ 'ରାଗ ମହ୍ଲାର' ବହିରେ ସେତେବେଳେ ହାତଅଙ୍କା ଅକ୍ଷରରେ ପ୍ରସ୍ତୁତ ହୋଇଥିବା କବିତାଗୁଡ଼ିକୁ ଏହି ଗୀତିକବିତା ସମଗ୍ରରେ ସେ ସ୍ଥାନ ଦିଆଯାଇଛି। ଗୁଣଗ୍ରାହୀ ପାଠକ, ପାଠିକା ନିଜ ବହିଥାକରେ ଚିରଦିନ ଏହି ପୁସ୍ତକକୁ ସାଇତା ରଖିବା ମନେହୁଏ। ବହିଟିର ମୂଲ୍ୟ ୩୬୫ ଟଙ୍କା ଥିବା ବେଳେ ଏଥିରେ ରହିଛି ସର୍ବମୋଟ୍ ୨୫୦ରୁ ଉର୍ଦ୍ଧ୍ୱ ହୃଦୟସ୍ପର୍ଶୀ ଗୀତିକବିତା।



**ନୀଳନିଆଁ**
**କବି : ପୁଷ୍ପା ଧଳମହାପାତ୍ର**
**ପ୍ରକାଶକ : ତୀରତରଙ୍ଗ, ଭୁବନେଶ୍ୱର**

'ନୀଳନିଆଁ' କବୟିତ୍ରୀ ପୁଷ୍ପା ଧଳମହାପାତ୍ରଙ୍କର ପ୍ରଥମ କବିତା ସଂକଳନ। ଦୁର୍ବୋଧ କବିତାର ବଳଗଣ୍ଡିରୁ ବାହାରି ମାଟି ମନସ୍କ ଭାବ, ସରଳ ଶବ୍ଦ ଗୁମ୍ଫନ ଓ ମାପଚୁପ ଶବ୍ଦ ଚୟନ ତାଙ୍କ କବିତାକୁ କରିଛି ହୃଦୟସ୍ପର୍ଶୀ। ତୀରତରଙ୍ଗ ପ୍ରକାଶନ ପ୍ରକାଶ କରିଥିବା ଏହି ପୁସ୍ତକରେ ସର୍ବମୋଟ୍ ୪୬ଗୋଟି କବିତା ସ୍ଥାନ ପାଇଛି। 'ନୀଳନିଆଁ' କବିତାରେ କବି କୁହନ୍ତି - "ନୀଳନିଆଁ ମାୟାରେ / ଆଗକୁ ବଢ଼ାଇଚି ପାଦ / ଏବଂ ଜାଣେ / ଏ ପାଦ ବଢ଼େଇଦେବ ଦେଖିବାକୁ/ ସୁଡ଼ଙ୍ଗ ଶେଷର ସୂର୍ଯ୍ୟୋଦୟ"।

# ପନ୍ଦର ଆଦିବାସୀ ଗ୍ରାମର ଦୁଃଖ ଜାମୁଗଣ୍ଡ ନାଳ

- ଶୁଣିଲାନି ପ୍ରଶାସନ , ନିଜେ କାଠ ପୋଲ ତିଆରି କଲେ ଆଦିବାସୀ
- ଜାମୁଗଣ୍ଡ ନାଳ ଉପରେ ଗଢ଼ିଲେ ଅସ୍ଥାୟୀ ପୋଲ

**ବ୍ରହ୍ମପୁର :** ବର୍ଷା ଋତୁ ଆସିଲେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଦୁର୍ଗମ ବୁରାତାଲ ପଞ୍ଚାୟତ ଅଧୀନ ପନ୍ଦରଟି ଆଦିବାସୀ ଗ୍ରାମର ଜନଜୀବନ ପ୍ରାୟ ଠପ୍ ହୋଇଯାଏ। ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ମହେନ୍ଦ୍ରତନୟା ନଦୀର( ଜାମୁଗଣ୍ଡ ନାଳ )ଉପରେ ସ୍ଥାୟୀ ପୋଲ ନଥିବାରୁ ପ୍ରତିବର୍ଷ ବର୍ଷା ଦିନରେ ଯାତାୟାତ ଗୁରୁତର ଭାବେ ବ୍ୟାହତ ହେଉଛି। ବର୍ଷ ବର୍ଷ ଧରି ସ୍ଥାୟୀ ପୋଲ ନିର୍ମାଣ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ଶେଷରେ ସରକାରୀ ସହାୟତାକୁ ଅପେକ୍ଷା ନକରି ଆଦିବାସୀମାନେ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ସଂଗ୍ରହ କରି ଜାମୁଗଣ୍ଡ ନାଳ ଉପରେ କାଠ ପକାଇ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଏହି ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଥିବା ବେଳେ ପ୍ରଶାସନର ଉଦାସୀନତାକୁ ମଧ୍ୟ ପଦାରେ ପକାଇଛି। ବର୍ତ୍ତମାନ ଏହି କାଠ ପୋଲ ହିଁ କମଳାଖତ, ନୂଆସାହି, ଜେନାସାହି, ସାନ ଅଞ୍ଜୁପା, ବଡ଼ ଅଞ୍ଜୁପା,



ମୁଣ୍ଡେଇସିଙ୍ଗି, କୁସୁମଳା, ମଇଁଷିଖତ, ବଡ଼ ସଚ୍ଚାରୁ, ସାନ ସଚ୍ଚାରୁ, କାନ୍ତିଗାଁ, ବଡ଼ ଅଞ୍ଜାଗୁଳି, ସାନ ଅଞ୍ଜାଗୁଳି, ବିଲୁଗାଁ ଓ ସାନଗାଁ ସମେତ ପନ୍ଦରଟି ଦୁର୍ଗମ ଆଦିବାସୀ ଗ୍ରାମର ଲୋକଙ୍କ ଏକମାତ୍ର ଭରସା ପାଲଟିଛି। ଦୈନନ୍ଦିନ ଜୀବନର ପ୍ରତ୍ୟେକ ଆବଶ୍ୟକତା ପାଇଁ ସେମାନଙ୍କୁ ଏହି କାଠ ପୋଲ ଉପରେ ନିର୍ଭର କରିବାକୁ ପଡୁଛି। ହସ୍ପିଟାଲକୁ ରୋଗୀ ନେବା, ରାସନ ସାମଗ୍ରୀ ଆଣିବା, ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଗ୍ରହଣ, ହାଟବଜାରକୁ ଯିବା, ବ୍ୟାଙ୍କ କାମ କରିବା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ ସହ ସମସ୍ତ ସରକାରୀ ସେବା ପାଇଁ ଏହି ପୋଲ ହିଁ ଏକମାତ୍ର ସଂଯୋଗ ମାଧ୍ୟମ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଜାମୁଗଣ୍ଡ ନାଳରେ ବର୍ଷା ଦିନରେ ପ୍ରବଳ ସ୍ରୋତ ଯୋଗୁଁ ଅନେକ ଦୁର୍ଘଟଣା ଘଟିଛି। ବଢ଼ି ପାଣିରେ ଭାସି ସୋମନାଥ ଭୂୟାଁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକଥର ବିଦ୍ୟାଳୟ ପଢୁଆ ପିଲାମାନେ ରଶି ଧରି ଜୀବନକୁ ବାଜି ଲଗାଇ ନାଳ ପାର ହେଉଥିବା ଦୃଶ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀଙ୍କୁ ହସ୍ପିଟାଲକୁ ନେବା ବେଳେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତ୍ୟେକ ଅଘଟଣ ପରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରି ଫେରିଯାଉଥିଲେ ମଧ୍ୟ ସ୍ଥାୟୀ ପୋଲ ନିର୍ମାଣ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଏହି ପନ୍ଦରଟି ଗ୍ରାମର ସମସ୍ତ ବାସିନ୍ଦା ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଦୈନିକ ମଜୁରି, ଚାଷବାସ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭରଶୀଳ। ଯାତାୟାତ ସୁବିଧାର ଅଭାବ ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସରକାରୀ ଯୋଜନାର ସୁବିଧା ପାଇବାରେ ସେମାନେ ଦୀର୍ଘଦିନ ଧରି ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି, ଜାମୁଗଣ୍ଡ ନାଳ ଉପରେ ଏକ ସ୍ଥାୟୀ କଂକ୍ରିଟ ପୋଲ ନିର୍ମାଣ କରାଗଲେ କେବଳ ପନ୍ଦରଟି ଦୁର୍ଗମ ଆଦିବାସୀ ଗ୍ରାମର ଲୋକେ ଯାତାୟାତ ସମସ୍ୟାର ସମାଧାନ ହେବ ନାହିଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବ୍ୟବସାୟ ଓ ସାମଗ୍ରିକ ବିକାଶର ନୂଆ ଦିଗ ଖୋଲିବ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଅବିଳମ୍ବେ ପଦକ୍ଷେପ ନେଇ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି।

## ରଥଯାତ୍ରାକୁ ନେଇ ସାଇଲୋରେ ଜୋରଦାର ପ୍ରସ୍ତୁତି

# ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଫୋକସ୍


- ପୁଲିସ, ଅଗ୍ନିଶମ, ମଠ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରତିନିଧିଙ୍କ ମିଳିତ ପ୍ରସ୍ତୁତି

**ଜଗତସିଂହପୁର :** ଆସନ୍ତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଭକ୍ତିମୟ, ଶୃଙ୍ଖଳିତ ଓ ନିରାପଦ ପରିବେଶରେ ସମ୍ପନ୍ନ କରିବାକୁ କୁଜଙ୍ଗ ବ୍ଲକ ପ୍ରମୁଖ ବାଣିଜିକ କେନ୍ଦ୍ର ରାହାମା ଠାରେ ଶ୍ରୀ ଶ୍ରୀ ମଦନମୋହନ ଜୀଉ ମଠରେ ପ୍ରସ୍ତୁତି ଜୋରଦାର ହୋଇଛି। ରଥଯାତ୍ରାର ସଫଳ ଆୟୋଜନ ପାଇଁ ମଠ ପରିଚାଳନା ପରିଷଦ, ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ ବୈଠକରେ ସୁରକ୍ଷାଠାରୁ ଆରମ୍ଭ କରି ଭକ୍ତଙ୍କ ସୁବିଧା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଖୁବ୍ ବିସ୍ତୃତ ଆଲୋଚନା ହୋଇଛି। ମଠ ପରିଚାଳନା ପରିଷଦର ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରଥଯାତ୍ରାର ସୁଚାରୁ ପରିଚାଳନା, ରଥଟାଣ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ପରିମଳ, ପାନୀୟ ଜଳ, ଆଲୋକୀକରଣ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ ଜରୁରୀକାଳୀନ ସେବା ସମ୍ପର୍କରେ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପରିଷଦର ସମ୍ପାଦକ ଡ଼. ସୁନାକର ବେହେରା ରଥଯାତ୍ରାକୁ ଅଧିକ ଆକର୍ଷଣୀୟ ଓ



ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ସମସ୍ତଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିଥିଲେ। କୁଜଙ୍ଗ ରାଜପରିବାରର ମଣ୍ଡଳ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ଉପସ୍ଥିତ ରହି ରଥଯାତ୍ରାର ପାରମ୍ପରିକ ଗରିମା ବଜାୟ ରଖି ସମସ୍ତଙ୍କ ସହଯୋଗରେ ଉତ୍ସବକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଜୟ କୁମାର ଦାସ, ଥାନା ଅଧିକାରୀ ବଂଶୀଧର ପ୍ରଧାନ ଏବଂ ଅଗ୍ନିଶମ ଅଧିକାରୀ ସୁଶାନ୍ତ ଦାସ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଅଗ୍ନି ନିରାପତ୍ତା ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ଭିକାରୀ ଚରଣ ସେନାପତି, ଶରତ ଚନ୍ଦ୍ର ସାହୁ, ଶିଶିର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ବଂଶୀଧର କୁଣ୍ଡୁ, ଆଶୁତୋଷ ଲେଙ୍କା, ଶ୍ରୀକାନ୍ତ ଶତପଥୀ, ସୁରେନ୍ଦ୍ରନାଥ ମିଶ୍ର, ସ୍ୱର୍ଣ୍ଣପ୍ରଭା ଦାସ ମାତା, ପୂଜକ ତପନ କୁମାର ପତିଙ୍କ ସମେତ ବହୁ ସେବକ, ଜନପ୍ରତିନିଧି, ସମାଜସେବୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବୈଠକ ଶେଷରେ ସମସ୍ତଙ୍କ ସମନ୍ୱିତ ପ୍ରୟାସରେ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଭବ୍ୟ ଭାବେ ସମ୍ପନ୍ନ କରିବାକୁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତାହାତୀ



**ବଣାଇଁ :** ପଡ଼ୋଶୀ ଘରୁ ସକାଳୁ ସକାଳୁ ନିଜ ଘରକୁ ଫେରୁଥିବା ବେଳେ ବୃଦ୍ଧ ଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ମାରିଲା ଦନ୍ତା ହାତୀ। ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ ଯାମୁଡ଼ି ସେକ୍ସନ ର ଡିମ୍ବାଟୋଲା ରେ ଅଘଟଣ । ହାତୀ ଭୟରେ ବୃଦ୍ଧ ଜଣକ ପଡ଼ୋଶୀ ଘରେ ଶୋଇ ନିଜ ଘରକୁ ଆଜି ସକାଳୁ ସକାଳୁ ଫେରୁଥିବା ବେଳେ ଦନ୍ତା ହାତୀ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଡିମ୍ବାଟୋଲା ବସ୍ତିର ଯାଲୁଆ ଓରାମ । ଜାଲୁଆଙ୍କ ପରିବାର କୌଣସି ବ୍ୟକ୍ତି ବିଶେଷ ନଥିବା ବେଳେ ଘଟଣା ସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚିଥିବା ଅଧିକ ତଦନ୍ତ ଚଳାଇଛନ୍ତି। ସେପଟେ ହାତୀ ଆକ୍ରମଣକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଛି ।

# ରହସ୍ୟମୟ ମୃତ୍ୟୁକୁ ନେଇ ଅଭିଯୋଗ ଆଣିଲେ ପରିବାର

## ନିରପେକ୍ଷ ତଦନ୍ତ ଦାବି



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲାରେ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜଗତସିଂହପୁର ଥାନା ଅନ୍ତର୍ଗତ ମଧୁସୂଦନ ଶାସନ ପଞ୍ଚାୟତର କେଣ୍ଡାଳ ଗ୍ରାମର ଚନ୍ଦ୍ରହାଶ ନାଥଙ୍କ ପୁଅ ସଚୀନ ନାଥଙ୍କ ଗତକାଲି ଦିନ ପ୍ରାୟ ୨ଟା ସମୟରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ତିର୍ତ୍ତୋଲ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ମୃତକଙ୍କ ବାପା, ମା, ପିଉସୀ ଓ ଦୁଇ ଭାଇ ଅଭିଯୋଗ କରିଛନ୍ତି ଯେ, ସଚୀନଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ଓ ଖଣ୍ଡିଆ ଦାଗ ଥିବାରୁ ଏହା ସାଧାରଣ ମୃତ୍ୟୁ କିମ୍ବା ଆତ୍ମହତ୍ୟା ନୁହେଁ; ବରଂ ଏକ ସୁପରିକଳ୍ପିତ ହତ୍ୟା ହୋଇଥିବା ସନ୍ଦେହ ସେମାନେ ପ୍ରକାଶ କରିଛନ୍ତି। ପରିବାର ସଦସ୍ୟମାନେ ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ସହ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏପଟେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ଅଗ୍ରଗତି ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ତେବେ ରହସ୍ୟମୟ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ନାନା ଚର୍ଚ୍ଚା ଲାଗି ରହିଛି।

## ବିଭିନ୍ନ ଲୋକଙ୍କ ଠାରୁ ଅର୍ଥ ଉଧାର ନେଇ ଫେରାର ଥିବା ମହିଳା

# ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡ଼ି ପୋଲିସକୁ ହସ୍ତାନ୍ତର

**ବସ୍ତା :** ବସ୍ତା ପୋଲିସ ଉଦ୍ଧାର କଲା ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଉଧାର ନେଇ ଗତ ୩ବର୍ଷ ଧରି ଫେରାର ଥିବା ଜଣେ ମହିଳାଙ୍କୁ ଆଜି ଭେଲୋରା ଓଡିଶା ଗ୍ରାମୀଣ ବ୍ୟାଙ୍କ ଆଗରୁ ସ୍ଥାନୀୟ ଲୋକେ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ବସ୍ତା ବ୍ଲକ ଭେଲୋରା ଗ୍ରାମର ସଂଯୁକ୍ତା ଜେନା(ଡଲି) ନାମକ ମହିଳା ଜଣକ ଗ୍ରାମର ପ୍ରାୟ ୨୦ ରୁ ଅଧିକ ଲୋକଙ୍କ ଠାରୁ ବ୍ୟବସାୟରେ ଅଧିକ ଲାଭ ଦେବା ପ୍ରତିଶୃତି ଦେଇ ପ୍ରାୟ ୧୨ ଲକ୍ଷ ଟଙ୍କା ଉଧାର ନେଇଥିଲେ। ଟଙ୍କା ନେବା ପରେ ସେ ଫୋନ୍ ସୁଇଚ୍ ଅଫ୍ କରି ଭଡା ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲା।ଆଜି ସକାଳେ ସେ ଉକ୍ତ



ବ୍ୟାଙ୍କକୁ ନିଜର କେୱାଇସି କରିବା ପାଇଁ ଆସିଥିଲେ। ବ୍ୟାଙ୍କ ଆଗରେ ତାଙ୍କୁ ଦେଖି ଜଣେ ପାଉଣାଦାର ଚିହ୍ନିଥିଲେ। ସେ ଚିତ୍କାର କରିବା ପରେ ଆଖପାଖର ଲୋକେ ଏକାଠି ହୋଇ ମହିଳାଙ୍କୁ ହଟହଟା କରିଥିଲେ। ଖବର ପାଇ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଜଣେ ପାଉଣାଦାର କହିଲେ, ମତେ କହିଥିଲେ ମାସକୁ ୫ପ୍ରତିଶତ ସୁଧ ଦେବେ, ବିଶ୍ୱାସ କରି ମୋ ସ୍ୱାମୀଙ୍କୁ ନଜଣାଇ ପଇସା ଦେଇଥିଲି ମାତ୍ର, ଡଲି ଫେରାର ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ଲାଗି ୨ବର୍ଷ ହେଲା ମୋ ସ୍ୱାମୀ ଘରକୁ ଆସୁନାହାନ୍ତି, ଏବେ ଘର ଚଳାଇବା ମୁସ୍କିଲ ହୋଇଗଲାଣି। ମହିଳା ଜଣକ ଧରାପଡିବା ଖବର ପାଇବା ପରେ ଆହୁରି ଅନେକ ଲୋକ ଥାନାକୁ ଆସି ଅଭିଯୋଗ କରିବାରେ ଲାଗିଛନ୍ତି। ପୋଲିସ ମାମଲାର ତଦନ୍ତ ଜାରି ରଖିଛି।

# ଗୁଜୁରାଟ ଗସ୍ତରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



**ବାଲେଶ୍ୱର :** ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବର୍ତ୍ତମାନ ଗୁଜୁରାଟ ଗସ୍ତରେ ଅଛନ୍ତି। ଏହି ଅବସରରେ ଆଜି ଗୁଜୁରାଟର ରାଜଧାନୀ ଆହମଦାବାଦରେ ଆୟୋଜିତ ସଂସଦୀୟ ଲୋକ ଉଦ୍ୟୋଗ ସମିତିର ବୈଠକରେ ସେ ଯୋଗଦେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHAI), ପାୱାର ଫାଇନାନ୍ସ କର୍ପୋରେସନ (PFC) ଏବଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (BPCL)ର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଫଳପ୍ରଦ ଆଲୋଚନା କରିଥିଲେ।ବୈଠକରେ ଉକ୍ତ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା, ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଓ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଦେଶର ଭିତ୍ତିଭୂମି ବିକାଶକୁ ଅଧିକ ସୁଦୃଢ଼ କରିବା, ସଂସ୍ଥାଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାୟୀ ଓ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଗୁଜୁରାଟ ଗସ୍ତ ସମୟରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଐତିହାସିକ ସାବରମତୀ ଆଶ୍ରମ ପରିଦର୍ଶନ କରି ମହାତ୍ମା ଗାନ୍ଧୀଙ୍କ ସ୍ମୃତିବିଜଡ଼ିତ ସ୍ଥାନଗୁଡ଼ିକ ବୁଲି ଦେଖିଥିଲେ।

# ବାରିପଦାରୁ ଆରମ୍ଭ ହେବ ଯୁବ ବିଜେଡିର 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'

**ବାରିପଦା :** ରାଜ୍ୟରେ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବିବାଦ ଜାରି ଥିବା ପରିପ୍ରେକ୍ଷୀରେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିଜେପି ସରକାରର ଷଡ଼ଯନ୍ତ୍ର ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ ପାଇଁ ଯୁବ ବିଜେଡି ପକ୍ଷରୁ ଆସନ୍ତାକାଲି(ଗୁରୁବାର) ଠାରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ' ଆରମ୍ଭ ହେବାକୁ ଯାଉଛି। ଏହି ଆନ୍ଦୋଳନ ଜୁଲାଇ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସାରା ଚାଲିବ। ପ୍ରଥମ ଦିନରେ ବାରିପଦାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ନୂତନ ପାଠ୍ୟପୁସ୍ତକରେ ବହୁ ତ୍ରୁଟି ଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି ବୋଲି ଯୁବ ବିଜେଡି ଅଭିଯୋଗ କରିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ନୂତନ ନିର୍ଭୁଲ ଓ ମାନସମ୍ମତ ପାଠ୍ୟପୁସ୍ତକ ଯୋଗାଣ, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ । ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ ଓ ସଭାନେତ୍ରୀ ଇପ୍ସିତା ସାହୁ ଉଭୟେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଯୁବଛାତ୍ର ବିଜେଡି କର୍ମକର୍ତ୍ତାମାନେ ବ୍ୟାପକ ସଂଖ୍ୟାରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ଚିଙ୍ଗୁଡ଼ି ଝିଲରେ କାମ କରୁଥିବା ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

**ବସ୍ତା :** କଠାଶଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ପାକମୁଡ଼ି ଗ୍ରାମରେ ଥିବା ବେଆଇନ ଚିଙ୍ଗୁଡ଼ି ଝିଲରେ ବୁଧବାର ପୂର୍ବାହ୍ନ ଦଶ ଘଟିକା ସମୟରେ ଏକ ଯୁବକଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର,ବିଶୋୟୀ ବ୍ଲକର କାଶୀପେଣ୍ଟ ଗ୍ରାମର ଗଙ୍ଗାଧର ନାୟକ (୪୧)। ଚିଙ୍ଗୁଡ଼ି ଝିଲର ମାଲିକ ଶ୍ରୀ ପାତ୍ର ଘଟଣା ବାବଦରେ ପୋଲିସକୁ ନ ଜଣାଇ ମୃତ ଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମର୍ଟମ କରାଇବାକୁ ନେଇଯିବେ କହି ମୃତ ଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆଣି ଥିଲେ। ଏପଟେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ଖବର ପାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତ ଦେହକୁ ଏଣେ ତେଣେ ଖୋଜାଖୋଜି କରି ନ ପାଇ ପୋଲିସ କଣ୍ଟ୍ରୋଲ ରୋମକୁ ଏ ବାବଦରେ ଜଣାଇଥିଲେ।ପୋଲିସ କଣ୍ଟ୍ରୋଲ ରୋମକୁ ଜଣାଇବା ପରେ ଝିଲ ମାଲିକ ଶ୍ରୀ ପାତ୍ର ଅପରାହ୍ନ ପାଞ୍ଚଟା ସମୟରେ ବସ୍ତାରୁ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହକୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପରେ ଫାଣ୍ଡି ଅଧିକାରୀ ଶ୍ରୀ ବେଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହ ଜବତ କରିଛନ୍ତି।ଆସନ୍ତା କାଲି ଶବ ବ୍ୟବଛେଦନ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।ପ୍ରକାଶ ଥାଉକି ଉକ୍ତ ଯୁବକ ଜଣକ ଆଜି ହିଁ ଶ୍ରୀନିବାସର ଚିଙ୍ଗୁଡ଼ି ଝିଲରେ କାମରେ ଯୋଗ ଦେଇଥିଲା।ମାତ୍ର କିଛି ଘଣ୍ଟା ପରେ ତାର ମୃତ୍ୟୁ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।ତେବେ ତଦନ୍ତ ପରେ ମୃତ୍ୟୁ ର ସତ୍ୟା ସତ୍ୟ ଜଣା ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଭିନ୍ନ ଜଣେ ଚିତ୍ରଶିଳ୍ପୀ ମହେନ୍ଦ୍ର



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ହାତୀନା ଗ୍ରାମର ମହେନ୍ଦ୍ର କୁମାର ରାଉତ ପବିତ୍ର ଘୋଷଯାତ୍ରା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚିତ୍ର ଆଙ୍କୁଛନ୍ତି।

# ଶେଖ ହମିଦ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

## ଆଇନ-ଶୃଙ୍ଖଳା ନେଇ ସଦର କଂଗ୍ରେସର ଉଦ୍ବେଗ

**ବାଲେଶ୍ୱର :** ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଇନ-ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଥିବା ଅଭିଯୋଗ କରିଛି ସଦର କଂଗ୍ରେସ। ବ୍ରାଉନ ସୁଗାର କାରବାରଠାରୁ ଆରମ୍ଭ କରି ସୁପାରୀ କିଲିଂ ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପ ବଢୁଥିବା ବେଳେ ଜିଲ୍ଲା ପୋଲିସ ପ୍ରଶାସନ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ଉପସଭାପତି ତଥା ଯୁବନେତା ସରୋଜ କୁମାର ଲେଙ୍କା କହିଥିଲେ ଯେ, ଗତ ଜୁନ୍ ୨୫ ତାରିଖରେ ଅରଡ଼ ବଜାରରେ ବ୍ୟବସାୟୀ ଶେଖ ହମିଦଙ୍କୁ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ସର୍ବସାଧାରଣଙ୍କ ସମ୍ମୁଖରେ ଗୁଳି କରି ହତ୍ୟା କରିଥିଲେ। ଘଟଣାର ୧୩ ଦିନ ବିତିଯାଇଥିଲେ ମଧ୍ୟ ଚାରିଟି ପୋଲିସ ଟିମ୍ ଗଠନ ସତ୍ତ୍ୱେ ହତ୍ୟାକାରୀ କିମ୍ବା ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରାଯାଇନାହିଁ। ଏହା ଫଳରେ ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରତି ଆସ୍ଥା କମିଯାଇଛି ବୋଲି ସେ କହିଥିଲେ।ସେ ଆହୁରି କହିଥିଲେ ଯେ, ହତ୍ୟା ପଛର




କାରଣ ସମ୍ପର୍କରେ ମଧ୍ୟ ପୋଲିସ ସ୍ପଷ୍ଟ ସୂଚନା ଦେଇପାରିନାହିଁ। ତେଣୁ ଶେଖ ହମିଦଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଥିଲେ।ଏହି ଅବସରରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା କହିଥିଲେ ଯେ, ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଚାରିଟି ପୋଲିସ ଟିମ୍ ଗଠନ ହୋଇଥିଲେ ମଧ୍ୟ ତଦନ୍ତରେ ଆଶାନୁରୂପ ସଫଳତା ମିଳିନାହିଁ। ଶେଖ ହମିଦଙ୍କ ପରିବାର ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନଥିବା ସେ କହିଥିଲେ। ଆସନ୍ତା ସାତ ଦିନ ମଧ୍ୟରେ ହତ୍ୟାକାରୀଙ୍କୁ ଗିରଫ କରାନଗଲେ କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଥିଲେ।

## ଇଂଲଣ୍ଡ ନୂଆ କୋଚ୍ ଖୋଜୁଛି



ନୂଆଦିଲ୍ଲୀ : ଇଂଲଣ୍ଡ ଟେଷ୍ଟ ମୁଖ୍ୟ ପ୍ରଶିକ୍ଷକ ଭାବରେ ବ୍ରେଣ୍ଡନ ମ୍ୟାକକୁଲମଙ୍କ ଉତ୍ତରାଧିକାରୀ ଖୋଜୁଥିବା ବେଳେ ଛଅରୁ ଦଶ ଜଣଙ୍କ ନାମ ବିଚାର କରିବ ଏବଂ ଅଗଷ୍ଟରେ ପାକିସ୍ତାନ ବିପକ୍ଷ ସିରିଜ ପାଇଁ ସେହି ବ୍ୟକ୍ତିଙ୍କୁ ସ୍ଥାନ ଦେବାକୁ ଚାହୁଁଛି, ଇସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ଗୋଲ୍ଡ କହିଛନ୍ତି। ଗତ ନଅଟି ଟେଷ୍ଟରେ ସାତଟି ପରାଜୟ ପରେ ରବିବାର ୪୪ ବର୍ଷୀୟ ମ୍ୟାକକୁଲମଙ୍କୁ ରେଡ-ବଲ୍ ପ୍ରଶିକ୍ଷକ ପଦରୁ ବହିଷ୍କାର କରାଯାଇଥିଲା। ଇଂଲଣ୍ଡର ପରବର୍ତ୍ତୀ ଟେଷ୍ଟ ୧୯ ଅଗଷ୍ଟରେ ହେଡିଙ୍ଗଲିରେ ପାକିସ୍ତାନ ବିପକ୍ଷରେ ଏବଂ ଜୁନ୍ ଶେଷ ଭାଗରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ସିରିଜ ପରାଜୟ ସମୟରେ ବେନ୍ ଷ୍ଟୋକ୍ସ ଅବସର ଘୋଷଣା କରିବା ପରେ ଦଳ ବର୍ତ୍ତମାନ ଅଧିନାୟକ ବିନା ମଧ୍ୟ ଅଛି। ଗୋଲ୍ଡ କହିଥିଲେ : 'ଏହା ଏକ ଲକ୍ଷ୍ୟଭେଦୀ ଚୟନ ପ୍ରକ୍ରିୟା ହେବ। ଆମେ ପ୍ରାୟତଃ ଉତ୍ତରାଧିକାର ପାଇଁ ଯୋଜନା ଦୃଷ୍ଟିରୁ ବହୁତ କାମ କରୁ - ମୁଁ ସର୍ବଦା ପ୍ରଶିକ୍ଷକ ଏବଂ ବିଭିନ୍ନ ଅନ୍ୟାନ୍ୟ ପଦବୀର ଏକ ସଂକ୍ଷିପ୍ତ ତାଲିକା ରଖିବି ଏବଂ ସତ୍ୟରେ, ଏହି ପଦବୀ ହୁଏତ ଏପରି ଏକ ଯେଉଁଠାରେ ସଂକ୍ଷିପ୍ତ ତାଲିକା ବିଶ୍ୱସ୍ତରରେ ବିବିଧ ପ୍ରକୃତିର ଛଅରୁ ଦଶଟି ନାମରୁ ଅଧିକ ନୁହେଁ। 'ଆଲୋଚନା ଦୃଷ୍ଟିରୁ, ସେଗୁଡ଼ିକ ଏବେ ହେବା ଆରମ୍ଭ ହେବ ଏବଂ ପୁରୁଷ କ୍ରିକେଟର ପରିଚାଳନା ନିର୍ଦ୍ଦେଶକଙ୍କୁ ରବ କୀ ସେଗୁଡ଼ିକର ନେତୃତ୍ୱ ନେବେ।' ଗୋଲ୍ଡ ନିଶ୍ଚିତ କରିଛନ୍ତି ଯେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ପ୍ରଥମେ ଜଣେ ମୁଖ୍ୟ ପ୍ରଶିକ୍ଷକଙ୍କୁ ସ୍ଥାପନ କରିବାକୁ ଚେଷ୍ଟା କରିବ ଏବଂ ସେହି ବ୍ୟକ୍ତିଙ୍କୁ ଅଧିନାୟକ ନିଯୁକ୍ତିରେ କୀ ଏବଂ ଜାତୀୟ ଚୟନକର୍ତ୍ତା ମାର୍କସ ନର୍ଥଙ୍କ ସହିତ ଏକ ମତାମତ ରହିବ। ନୂତନ ପ୍ରଶିକ୍ଷକଙ୍କୁ ମ୍ୟାକକୁଲମଙ୍କ ସହିତ କାମ କରିବାକୁ ପଡିବ, ଯିଏ ଧଳା ବଲ୍ ଭୂମିକା ବଜାୟ ରଖିଛନ୍ତି, ଏକ ଭିଡ଼ କ୍ରିକେଟ କ୍ୟାଲେଣ୍ଡରରେ ଇଂରାଜୀ କ୍ରିକେଟର ସର୍ବୋତ୍ତମ ସ୍ୱାର୍ଥକୁ ସନ୍ତୁଳିତ କରିବା ପାଇଁ ଯେଉଁଠାରେ ଖେଳାଳିମାନେ ଅନ୍ତର୍ଜାତୀୟ ଏବଂ ଫ୍ରାଞ୍ଚାଇଜ୍ ପ୍ରତିଶ୍ରୁତି ପରିଚାଳନା କରନ୍ତି।

## ଫିଫା ବିଶ୍ୱକପ୍‌ରେ ୬୪ ଦଳ



ନୂଆଦିଲ୍ଲୀ : ୨୦୩୦ ଶତବାର୍ଷିକୀ ସଂସ୍କରଣ ପୂର୍ବରୁ ୬୪ ଦଳ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ପାଇଁ ଆଲୋଚନା ହେବ ବୋଲି ଫିଫା ସଭାପତି ନିଶ୍ଚିତ କରିଛନ୍ତି, ଜୋର ଦେଇଛନ୍ତି ଯେ ଫୁଟବଲର ବିଶ୍ୱବ୍ୟାପୀ ପ୍ରଦର୍ଶନୀକୁ ୟୁରୋପ ଏବଂ ଦକ୍ଷିଣ ଆମେରିକାର ପାରମ୍ପରିକ ପ୍ରାଧାନ୍ୟ ବାହାରେ ଦେଖିବାକୁ ପଡିବ। ୨୦୨୬ ଫିଫା ବିଶ୍ୱକପର କ୍ୱାର୍ଟର-ଫାଇନାଲ ପର୍ଯ୍ୟାୟରୁ ସଦ୍ୟତମ, ସଭାପତି ଜିଆନି ଇନଫାଣ୍ଟିନୋ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଦେଇଛନ୍ତି ଯେ ଟୁର୍ଣ୍ଣାମେଣ୍ଟ ଆହୁରି ବଢ଼ିପାରେ, ଏହା ନିଶ୍ଚିତ କରି ଯେ ୨୦୩୦ ସଂସ୍କରଣ ପୂର୍ବରୁ ୬୪ ଦଳ ବିଶିଷ୍ଟ ଫର୍ମାଟ୍ ମୂଲ୍ୟାଙ୍କନ କରାଯିବ। ସ୍ୱିସ୍ ମିଡ଼ିଆ ଆଉଟଲେଟ୍ ବ୍ଲିକ୍‌ନ୍ ସହିତ କଥାବାର୍ତ୍ତା କରି, ଇନଫାଣ୍ଟିନୋ ସମ୍ପ୍ରସାରଣ ପାଇଁ ପ୍ରଶାସକ ସଂସ୍ଥାର ନିରନ୍ତର ପ୍ରୟାସକୁ ରକ୍ଷା କରିଛନ୍ତି, ଉତ୍ତର ଆମେରିକାରେ ବର୍ତ୍ତମାନର ୪୮ ଦଳ ପରୀକ୍ଷଣକୁ '୧୦୦ ପ୍ରତିଶତ ସଫଳତା' ବୋଲି ଘୋଷଣା କରିଛନ୍ତି। ତାଙ୍କର ମନ୍ତବ୍ୟ ଠିକ୍ ସେହି ସମୟରେ ଆସିଛି ଯେତେବେଳେ ଟୁର୍ଣ୍ଣାମେଣ୍ଟର ସେମି-ଫାଇନାଲ ଲାଇନ-ଅପ୍ ନିଶ୍ଚିତ ହୋଇଥିଲା, ଯେଉଁଥିରେ ପାରମ୍ପରିକ ହେଭିୱେଟ୍ ଇଂଲଣ୍ଡ, ସ୍ପେନ୍, ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା ସାମିଲ ଥିଲେ। ବିଡ଼ମ୍ବନାର ବିଷୟ ହେଉଛି, ଅଧିକ ବିଶ୍ୱ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ଏକ ବିସ୍ତାରିତ କ୍ଷେତ୍ର ଡିଜାଇନ୍ ହୋଇଥିଲେ ମଧ୍ୟ, ଶେଷ ଚାରିଟି ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଶକ୍ତିଶାଳୀ ଦଳ ଦ୍ୱାରା ଗଠିତ। ତଥାପି, ଇନଫାଣ୍ଟିନୋ ଦୃଢ଼ ରହିଛନ୍ତି ଯେ ଆଗକୁ ଯିବା ପାଇଁ ନେଟ୍ ବିସ୍ତାର କରିବା ଆବଶ୍ୟକ। ଯଦି ୬୪ ଦଳର ପ୍ରସ୍ତାବ ବୋର୍ଡରୁମରେ ଆକର୍ଷଣୀୟ ହୁଏ, ତେବେ ଏହା ୨୦୩୦ ବିଶ୍ୱକପ୍ ପାଇଁ ଏକ ମୌଳିକ ପରିବର୍ତ୍ତନ ହେବ - ଶତବାର୍ଷିକୀ ସଂସ୍କରଣ ମୁଖ୍ୟତଃ ସ୍ପେନ୍, ପର୍ତ୍ତୁଗାଲ୍ ଏବଂ ମରକ୍କୋରେ ଆୟୋଜିତ ହେବାକୁ ଯାଉଛି, ଏହା ସହିତ ଉରୁଗୁଏ, ଆର୍ଜେଣ୍ଟିନା ଏବଂ ପାରାଗୁଏରେ ଉଦଯାପନୀ ମ୍ୟାଚ ମଧ୍ୟ ଅନୁଷ୍ଠିତ ହେବ।




## ବାଦ୍ ପଡ଼ିଲେ ସଞ୍ଜୁ ସାମସନ



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳରୁ ସଞ୍ଜୁ ସାମସନଙ୍କୁ ବାଦ୍ ଦେବା ନେଇ ବଡ଼ ବିବାଦ ଦେଖାଦେଇଛି। ଏହା ଉପରେ ପୂର୍ବତନ କ୍ରିକେଟକିପର-ବ୍ୟାଟର ପାର୍ଥିବ ପଟେଲ ଏକ ବଡ଼ ବୟାନ ଦେଇଛନ୍ତି। ସଞ୍ଜୁଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରିବା ନିଷ୍ପତ୍ତିକୁ ସେ ସମାଲୋଚନା କରିଛନ୍ତି। ଚୟନକର୍ତ୍ତାଙ୍କ ଏହି ପଦକ୍ଷେପ କ୍ରିକେଟ ତର୍କ ବଦଳରେ ଭାବପ୍ରବଣତା ଦ୍ୱାରା ପ୍ରେରିତ ବୋଲି ସେ କହିଛନ୍ତି। ଅତୀତରେ ଖରାପ ଫର୍ମ ପାଇଁ ସଞ୍ଜୁଙ୍କୁ ବାଦ୍ ଦିଆଯାଉଥିଲା। ହେଲେ ବର୍ତ୍ତମାନର ନିଷ୍ପତ୍ତିକୁ ଯଥାର୍ଥ ପ୍ରମାଣିତ କରିବା କଷ୍ଟକର। ନିକଟରେ ସଞ୍ଜୁ ସାମସନ ବହୁତ ଭଲ ପ୍ରଦର୍ଶନ କରିଛନ୍ତି। ଏହି ବର୍ଷର ଟି-୨୦ ବିଶ୍ୱକପ୍‌ରେ ସେ 'ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହୋଇଥିଲେ। ଏଭଳି ସ୍ଥିତିରେ ତାଙ୍କୁ ଦଳରୁ ବାଦ୍ ଦେବା ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ ସୁଯୋଗ ଦେବା ଭାବପ୍ରବଣ ଭାବେ ଠିକ୍ ଲାଗିପାରେ। କିନ୍ତୁ ଯୁକ୍ତି ଦୃଷ୍ଟିରୁ ଏହା ଆଦୌ ଠିକ୍ ପ୍ରମାଣିତ ହେଉନାହିଁ। ସଞ୍ଜୁ ତିନୋଟି ମ୍ୟାଚ୍‌ରେ କମ୍ ସ୍କୋର କରିବା ପରେ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିଥିଲା। ତେବେ ସୂର୍ଯ୍ୟବଂଶୀ ବ୍ୟାଟିଂରେ ଏପର୍ଯ୍ୟନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ପାରିନାହାଁନ୍ତି। ଅନ୍ୟପଟେ ଭାରତ ମଧ୍ୟ ଇଂଲଣ୍ଡ ବିପକ୍ଷରେ ୦-୩ରେ ପଛୁଆ ରହି ଟି-୨୦ ସିରିଜ୍ ହାରିସାରିଛି।

## ଡ୍ରିମ୍ ଗାର୍ଲଙ୍କ ଡାଇମଣ୍ଡ ଜୁବିଲି



ବଲିଉଡ୍ର 'ଡ୍ରିମ୍ ଗାର୍ଲ' ହେମା ମାଳିନୀ ଭାରତୀୟ ସିନେମାରେ ପଦାର୍ପଣ କରିବାର ଛଅ ଦଶନ୍ଧି ପୂରଣ ହୋଇଛି। ଡାଏମଣ୍ଡ୍ ଜୁବିଲି ଅବସରରେ ତାଙ୍କର ଅଭିନୟ ଯାତ୍ରାକୁ ଉତ୍ସବାୟିତ କରିବା ପାଇଁ ମୁମ୍ବାଇରେ ଏକ କନସର୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେଥିରେ ସେ ତାଙ୍କ ୬୦ ବର୍ଷର ଅଭିନୟ ଯାତ୍ରା ସମ୍ପର୍କରେ ଅନେକ କଥା ପ୍ରକାଶ କରିବା ସହିତ ପରଲୋକଗତ ସ୍ୱାମୀ ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ହେମା କହିଛନ୍ତି ଯେ ତାଙ୍କ ଅଭିନୟ ଯାତ୍ରାକୁ ନେଇ ସେ ଗର୍ବିତ ଏବଂ ସେଥିପାଇଁ ସେ ନିଜକୁ ସୌଭାଗ୍ୟବତୀ ମନେ କରନ୍ତି।

## ଆମିରଙ୍କୁ କଟାକ୍ଷ



ମୁମ୍ବାଇ : ବଲିଉଡ ଅଭିନେତା ଆମିର ଖାନ୍‌ଙ୍କ ତୃତୀୟ ବିବାହକୁ ନେଇ ମହାରାଷ୍ଟ୍ରର ମତ୍ସ୍ୟ ପାଳନ ମନ୍ତ୍ରୀ ନିତେଶ ରାଣେଙ୍କ ବୟାନରୁ ରାଜନୈତିକ ବିବାଦ ଦେଖାଯାଇଛି। ରାଣେ ଆମିରଙ୍କୁ 'ଲଭ୍ ଜିହାଦ'ର ବ୍ରାଣ୍ଡ ଆମ୍ବାସଡର ବୋଲି କହିଛନ୍ତି। ନିତେଶ କହିଥିଲେ ଯେ, ଯେତେବେଳେ ଜଣାଶୁଣା ବ୍ୟକ୍ତିତ୍ୱମାନେ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ଏପରି ନିଷ୍ପତ୍ତି ନିଅନ୍ତି, ହିନ୍ଦୁ ସମାଜ ଏହା ବିଷୟରେ ଚିନ୍ତା କରିବା ଉଚିତ୍। ଆମିର ଖାନ୍ କ'ଣ ଲଭ୍ ଜିହାଦର ବ୍ରାଣ୍ଡ ଆମ୍ବାସାଡର ହେଉନାହାନ୍ତି ? ତାଙ୍କ ଫିଲ୍ମ ଦେଖୁଥିବା ହିନ୍ଦୁ ଯୁବକମାନେ ଏନେଇ ଭଲଭାବରେ ଚିନ୍ତା କରିବା ଉଚିତ୍।

## ଚର୍ଚ୍ଚାରେ ବିଜୟଙ୍କ ନୂଆ ସିନେମା



ନୂଆଦିଲ୍ଲୀ : ସୁପରଷ୍ଟାର ଥାଲାପତି ବିଜୟଙ୍କ ଆଗାମୀ ବହୁପ୍ରତୀକ୍ଷିତ ଫିଲ୍ମ 'ଜନ ନାୟଗନ'କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟିଛି। ଅଭିନେତା ତଥା ରାଜନେତା ସି. ଜୋସେଫ ବିଜୟ ଏହି ଫିଲ୍ମର ଏକ ନୂଆ ପୋଷ୍ଟର ସେୟାର କରି ନିଜ ପ୍ରଶଂସକଙ୍କୁ ବଡ଼ ସରପ୍ରାଇଜ୍ ଦେଇଛନ୍ତି। ଏହି ପୋଷ୍ଟରରେ ତାଙ୍କର ଦମଦାର୍ ଉତ୍କଣ୍ଠା ଦେଖିବା ମାତ୍ରେ ହିଁ ତାଙ୍କ ପ୍ରଶଂସକ ଖୁସିରେ ବିଭୋର ହୋଇପଡ଼ିଛନ୍ତି। ଦୀର୍ଘ ୭ ମାସର ଅପେକ୍ଷା ପରେ ମିଳିଲା ସେନ୍ସର ମଞ୍ଜୁରୀ 'ଜନ ନାୟଗନ' ପ୍ରଥମେ ଚଳିତ ବର୍ଷ ୯ ଜାନୁଆରୀ, ୨୦୨୬ରେ ମୁକ୍ତିଲାଭ କରିବାର ଯୋଜନା ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେନ୍ସର ସାର୍ଟିଫିକେସନ୍ ସମ୍ବନ୍ଧୀୟ କିଛି ଜଟିଳତା ଯୋଗୁଁ ଫିଲ୍ମର ରିଲିଜ୍‌କୁ ସ୍ଥଗିତ ରଖାଯାଇଥିଲା। ଦୀର୍ଘ ୭ ମାସ ଧରି ଦର୍ଶକ ଏହି ସସ୍‌ପେନ୍ସରେ ଥିବା ବେଳେ ଶେଷରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସର୍ଟିଫିକେସନ୍ ପକ୍ଷରୁ ଏହାକୁ 'ଏ' ରେଟିଂ ସହିତ ଗ୍ରୀନ୍ ସିଗନାଲ୍ ମିଳିଛି। ଏହି ଫିଲ୍ମ ୨୪ ଜୁଲାଇ, ୨୦୨୬ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିପାରେ। ସେନ୍ସର ବୋର୍ଡ ଅନୁଯାୟୀ, ଏହି ଆକ୍ସନ-ଡ୍ରାମା ମୋଟ ଅବଧି ୨ ଘଣ୍ଟା ୩୩ ମିନିଟ୍ ରହିଛି। ପୋଷ୍ଟରରେ ସ୍ପେଶାଲ୍ ଟୁଇଷ୍ଟ : 'ତାମିଲନାଡୁର ମାନ୍ୟବର ମୁଖ୍ୟମନ୍ତ୍ରୀ' ବିଜୟ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କୌଣସି କ୍ୟାପସନ୍ ନଦେଇ ଏହି ନୂଆ ପୋଷ୍ଟରଟି ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରରେ 'A Certified, Coming Soon' ଲେଖାଯାଇଛି। ତେବେ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି ପୋଷ୍ଟରର ଟ୍ୟାଗଲାଇନ୍, ଯେଉଁଠି ତାଙ୍କୁ 'ତାମିଲନାଡୁର ମାନ୍ୟବର ମୁଖ୍ୟମନ୍ତ୍ରୀ ସି. ଜାସେଫ ବିଜୟ' ଭାବେ ଉପସ୍ଥାପନ କରାଯାଇଛି। ବିଜୟଙ୍କର ଏହି ରାଜନୈତିକ ଲୁକ୍ ଦେଖିବା ପରେ ଉଭୟ ରାଜନୀତି ଏବଂ ସିନେମା ଜଗତରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଧମାଲ ୪ର ଧମାକା




ନୂଆଦିଲ୍ଲୀ : ଧମାଲ ୪ ବକ୍ସ ଅଫିସ୍ କଲେକ୍ସନ: ଅଜୟ ଦେବଗନଙ୍କ ନେତୃତ୍ୱରେ ନିର୍ମିତ ଏହି କମେଡି ଫିଲ୍ମଟି ଜୁଲାଇ ୧୦ରେ ପରଦାକୁ ଆସିଥିଲା। ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସମାଲୋଚକ ଏବଂ ଦର୍ଶକଙ୍କ ମିଶ୍ରିତ ସମୀକ୍ଷା ପାଇଥିଲା। ଏହା ଭାରତରେ ୬୦ କୋଟି ଟଙ୍କା ଏବଂ ବିଶ୍ୱସ୍ତରରେ ୯୦ କୋଟି ଟଙ୍କା ଆୟ କରିଛି। ବକ୍ସ ଅଫିସ୍ ବିବରଣୀ ଏଠାରେ ଦିଆଯାଇଛି। ଧମାଲ ୪ ବକ୍ସ ଅଫିସ୍ କଲେକ୍ସନ ଦିନ ୩ ଇଣ୍ଡଷ୍ଟ୍ରି ଟ୍ରାକର ସାକନିଲ୍କ ଅନୁଯାୟୀ, ଅଜୟ ଦେବଗନଙ୍କ ଅଭିନୀତ କମେଡି ଫିଲ୍ମ ଧମାଲ ୪ ବକ୍ସ ଅଫିସ୍‌ରେ ଏକ ଦୃଢ଼ ଓପନିଂ ସପ୍ତାହାନ୍ତ ରେକର୍ଡ କରିଛି, ପ୍ରଥମ ତିନି ଦିନରେ ଭାରତରେ ୬୫ କୋଟି ଟଙ୍କା ନେଟ୍ ରୋଜଗାର କରିଛି। ପ୍ରଥମ ସପ୍ତାହାନ୍ତରେ ଏହା ୩୩,୧୦୪ଟି ଶୋରେ ପ୍ରଦର୍ଶିତ ହୋଇଥିଲା। ଏହାର ବିଶ୍ୱବ୍ୟାପୀ ମୋଟ୍ ସଂଗ୍ରହ ୯୨ କୋଟି ଟଙ୍କା, ଯେଉଁଥିରେ ଭାରତରୁ ୭୮ କୋଟି ଟଙ୍କା ଏବଂ ବିଦେଶୀ ବଜାରରୁ ୧୪ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଏହା ସହିତ ଏହି ଫିଲ୍ମ ଧମାଲ ଫ୍ରାଞ୍ଚାଇଜିର ସବୁଠାରୁ ବଡ଼ ଓପନର ହୋଇପାରିଛି, ଯାହା ଅକ୍ଷୟ କୁମାରଙ୍କ ୱେଲକମ୍ ଟୁ ଦି ଜଙ୍ଗଲକୁ ପଛରେ ପକାଇ ଦେଇଛି, ଯାହା ପ୍ରଥମ ସପ୍ତାହାନ୍ତରେ ୬୩.୭୫ କୋଟି ଟଙ୍କା ନେଟ୍ ସଂଗ୍ରହ କରିଥିଲା।

## ଏସ୍.ଜାନକୀଙ୍କ ବିୟୋଗ



ମହୀଶୂର : ଦକ୍ଷିଣ ଭାରତର କୋକିଳକଣ୍ଠୀ ଗାୟିକା ଏସ୍.ଜାନକୀ ଆଉ ନାହାଁନ୍ତି। ଚିକିତ୍ସାଧୀନ ଅବସ୍ଥାରେ ୮୮ ବର୍ଷ ବୟସରେ ସେ ଆଖି ବୁଜିଛନ୍ତି। ମହିଶୂର ମହାରାଜା କଲେଜ୍ ଗ୍ରାଉଣ୍ଡରେ ତାଙ୍କୁ ଅନ୍ତିମ ଦର୍ଶନ କରୁଛନ୍ତି ପ୍ରଶଂସକ ଓ ପ୍ରିୟଜନ। ତାଙ୍କ ପାର୍ଥୀବ ଶରୀରକୁ ଦର୍ଶନ କରିବାକୁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି ଶହ ଶହ ଜନତା। ଦକ୍ଷିଣ ଭାରତର କୋକିଳକଣ୍ଠୀ ତଥା ବୁଲବୁଲ୍ ଭାବେ ଜଣାଶୁଣା ଥିଲେ ଏସ୍.ଜାନକୀ। କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ପରେ ତାଙ୍କୁ ଏଭଳି ଆଖ୍ୟା ଦିଆଯାଇଥିଲା। ଦେଶ ବିଦେଶର ବିଭିନ୍ନ ଭାଷାରେ ପାଖାପାଖି ୪୮ ହଜାର ଗୀତରେ କଣ୍ଠଦାନ କରିଛନ୍ତି ଏସ୍.ଜାନକୀ। ତନ୍ମଧ୍ୟରେ ପ୍ରାୟ ୫୦ଟି ଓଡ଼ିଆ ଗୀତ ଗାଇଛନ୍ତି ସେ। ବଳିଦାନ ସିନେମାର ସେ "ନେଇ ଯା'ରେ ମେଘ ମାତେ ଗୀତ" ହେଉ କିମ୍ବା ପରିବାର ସିନେମାର "ପୂରିଲା ମନ ମୋର, କାଗଜ ଫୁଲ ମୋ, ଚାରା ଚାରା ପ୍ରୀତି, ପାଦରେ ପାଦ ଛନ୍ଦା"। ଅନେକ ସୁପରହିଟ୍ ଗୀତ ଭେଟି ଦେଇଛନ୍ତି ସେ। ଓଡ଼ିଶା ଫିଲ୍ମ ଜଗତରେ ତାଙ୍କ ଛାପ ସବୁବେଳେ ଅମର ହେଇ ରହିବ। ତାନସେନ ସିଂହ, ପ୍ରଣବ ପଟ୍ଟନାୟକଙ୍କ ସହ ତାଙ୍କ ଯାଡ଼ି ୬୦ରୁ ୮୦ ଦଶକରେ ବ୍ଲକବଷ୍ଟର ଥିଲା।

Printed, Published, Edited and Owned by Pabitra Brahmaputra Nayak, Printed at Durga Madhav Printers, At- BajrakabatiRoad, Po- Buxibazar, Dist- Cuttack- 753001 & Published At-Rajnagar, Po- Rajnagar, Dist- Kendrapara -754225 (Odisha), Mo: 9437888444, E-Mail: rajbhumimedia@gmail.com

Editor : Pabitra Brahmaputra Nayak

ସଂପାଦକ : ପବିତ୍ର ବ୍ରହ୍ମପୁତ୍ର ନାୟକ